## ସଂକ୍ଷେପରେ

### ୪ର୍ଥ ଦିନରେ ବି ଅଧ୍ୟକ୍ଷ ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ ହେଲାନି

ଜଗତ୍‌ସିଂହପୁର ଅଫିସ୍/ପାରାଦୀପ (ସ୍ୱ.ପ୍ର.)୫।୩: ପାରାଦୀପ ଓ ଜଗତ୍‌ସିଂହପୁର ପୌର ନିର୍ବାଚନରେ ପାଇଁ ପ୍ରାର୍ଥୀପତ୍ର ଦାଖଲର ଶନିବାର ୪ର୍ଥ ଦିବସ ଥିଲା। ଏହି ଅବସରରେ ଜଗତ୍‌ସିଂହପୁରରେ ୬ ଜଣ କାଉନ୍‌ସିଲର ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମାତ୍ର ଅଧ୍ୟକ୍ଷ ପଦବୀ ପାଇଁ କୌଣସି ପାର୍ଥୀପତ୍ର ଦାଖଲ ହୋଇନି। କାଉନ୍‌ସିଲର ପାଇଁ ୧୫ଟି ଓ ଅଧ୍ୟକ୍ଷ ପଦ ପାଇଁ ଗୋଟିଏ ଫର୍ମ ବିକ୍ରି ହୋଇଥିବା ସୂଚନା ମିଳିଛି। ପାରଦୀପରେ ଉଭୟ ପଦବୀ ନିମନ୍ତେ ଏପର୍ଯ୍ୟନ୍ତ କୌଣସି ନାମାଙ୍କନ ପତ୍ର ଦାଖଲ ହୋଇନାହିଁ। କିନ୍ତୁ ୪ର୍ଥ ଦିନରେ ୬୩ ଫର୍ମ ବିକ୍ରି ହୋଇଛି। ଏହାକୁ ମିଶାଇ ପାରାଦୀପରେ କାଉନସିଲର ପଦବୀ ପାଇଁ ୧୪୯ ଓ ପୌରାଧ୍ୟକ୍ଷ ପାଇଁ ୮ଟି ଫର୍ମ ବିକ୍ରି ହୋଇଛି ବୋଲି ନିର୍ବାଚନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି।

### ବିଜୁ ବାବୁଙ୍କ ଜୟନ୍ତୀ ପାଳିତ

ଚଣ୍ଡିଖୋଲ,୫।୩(ଡି.ଏନ.ଏ.): ବଡ଼ଚଣା ବ୍ଲକ ପତରାଜପୁର ପଞ୍ଚାୟତ ଆମ୍ବସୌରୀ ଗ୍ରାମରେ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି। ସୁରେଶ ନାୟକଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଭ୍ରମରବର ନାୟକ, ଖବରଦାତା ପ୍ରଦୀପ୍ତ ପୃଷ୍ଟି ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଉପେନ୍ଦ୍ର ବେହେରା, ସଞ୍ଜୟ ସିଂହ, ରବୀନ୍ଦ୍ର ସେନାପତି, କିଶୋର ବିଶ୍ୱାଳ, ଜାକିର ଖାଁ, ରେଜିଆ ସୁଲତାନା, କାଙ୍ଗାଳି ବେହେରା, ହେମନ୍ତ ନାୟକ, ପ୍ରମୋଦ ସିଂହ ଓ ମଥୁରି ନାୟକଙ୍କ ସମେତ ବହୁ ବିଜୁ ପ୍ରେମୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଜୁ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସେହିଭଳି ବାଲିଚନ୍ଦ୍ରପୁରଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କିରଣ ଶତପଥୀଙ୍କ ଅଧ୍ୟକ୍ଷତାରେ ବିଜୁ ବାବୁଙ୍କ ନୀତିଆଦର୍ଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଫଣିନ୍ଦ୍ର ନାଥ ପଣ୍ଡା, ପ୍ରକାଶ ଚନ୍ଦ୍ର ସାମଲ, ଅଭିମନ୍ୟୁ ବଳ, ପ୍ରମୋଦ ଦାସ, ଅକ୍ଷୟ କୁମାର ଷେଣ୍ଡ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଚଣ୍ଡିଖୋଲସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ବିଜେଡି ନେତା ଶାରଦା ପ୍ରସନ୍ନ ମହାନ୍ତି, ବିପିନ ବିହାରୀ ଜେନା, ପଞ୍ଚାନନ ଧଳ, ସଞ୍ଜୟ ସ୍ୱାଇଁ, ମୋହନ ଖିଲାର ଓ ପ୍ରଭାକର ସାହୁ ପ୍ରମୁଖ ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

### ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ପାଣିକୋଇଲି,୫।୩(ଡି.ଏନ.ଏ.): ପଥରପଦା ପଞ୍ଚାୟତ ନୂଆପଦା ସରକାରୀ ଉପ୍ରା ବିଦ୍ୟାଳୟରେ ଏକ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପୂର୍ବତନ ପରିଚାଳନା କମିଟି ସଭାପତି ରବି ନାରାୟଣ ଭୂୟାଁ ଉଦ୍‌ଘାଟନ କରିଥିଲେ। ଶିକ୍ଷୟିତ୍ରୀ‌ଶିକ୍ଷକ ଓ ପିଲାଙ୍କ ମଧ୍ୟରେ ନିଶା ନିବାରଣ ସମ୍ବନ୍ଧୀୟ ସାଧାରଣ ଜ୍ଞାନ, ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ, ଦୌଡ଼ ଓ ଦଳଗତ କାର୍ଯ୍ୟ (ନାଟକ) ପ୍ରତିଯୋଗିତା ହୋଇଥିଲା। ଅଭିଭାବକଙ୍କୁ ନେଇ ସଙ୍ଗୀତ, ଦୌଡ଼ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ସଭାପତି ଗୟାଧର ସ୍ୱାଇଁ ସଭା ପରିଚାଳନା କରିଥିଲେ। ଶିକ୍ଷକ ବଳରାମ ବେହେରା, ତାରିଣୀ ପ୍ରସାଦ ରାୟ ଓ ଶିକ୍ଷୟିତ୍ରୀ ସସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ମହାରଣା ଧନ୍ୟବାଦ ଦେଇଥିଲେ।

# ପୋଲିସ ଛାଉଣୀରେ ଡିଙ୍କିଆରେ ଜନଶୁଣାଣି

■ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରବେଶ ବାରଣ
■ ବିରୋଧୀଙ୍କୁ କହିବାକୁ ସୁଯୋଗ ଦିଆ ନ ଯିବାରୁ ଉତ୍ତେଜନା

କୁଜଙ୍ଗ,୫।୩(ଡି.ଏନ୍.ଏ.)

ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନିମନ୍ତେ ଦ୍ୱିତୀୟ ଥର ପାଇଁ ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଡିଙ୍କିଆ ପଞ୍ଚାୟତ କାର୍ଯ୍ୟାଳୟରେ ୫ ଜଣିଆ ଆଇନଜୀବୀ କମିଟି ସଦସ୍ୟଙ୍କ ଉପସ୍ଥିତିରେ ପୋଲିସ ଛାଉଣୀ ମଧ୍ୟରେ ଶନିବାର ଜନଶୁଣାଣି ହୋଇଛି। ଏଥିରେ ଡିଙ୍କିଆ, ଗୋବିନ୍ଦପୁର, ପାଟଣା, ମାହାଳ ଓ ତ୍ରିଲୋଚନପୁରର ଗ୍ରାମବାସୀ ଯୋଗଦେଇଥିଲେ। ମାତ୍ର ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶକୁ ପ୍ରଶାସନ ତରଫରୁ ବାରଣ କରାଯାଇଥିଲା। ଏପରି କି ଶୁଣାଣି ପୂର୍ବରୁ ସେଠାରେ ଉପସ୍ଥିତ ଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ବାହାରକୁ ଚାଲିଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟ ପଟେ ଜନଶୁଣାଣିରେ ପ୍ରକଳ୍ପ ବିରୋଧୀଙ୍କୁ କହିବାକୁ ସୁଯୋଗ ନ ମିଳିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା।

ଏରସମା ବ୍ଲକ ଡିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ନେଇ ଗତ ଜାନୁୟାରୀ ୧୪ରେ ଗ୍ରାମବାସୀ ଏବଂ ପୋଲିସ ମଧ୍ୟରେ ସଂଘର୍ଷ ହୋଇଥିଲା। ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ହାଇକୋର୍ଟରେ ୩ଟି ପୃଥକ ମାମଲା ରୁଜୁ ହୋଇଥିଲା। ଘଟଣାର ତଦନ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶକ୍ରମେ ୫ଜଣିଆ ଟିମ୍ ଗତ ୧୯ ତାରିଖରେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସେଠାରେ ଗ୍ରାମବାସୀଙ୍କ ସହ ଆଲୋଚନାବେଳେ ବାଲିତୁଠ ଅଞ୍ଚଳର କେତେଜଣ ବ୍ୟକ୍ତି କମିଟି ସଦସ୍ୟଙ୍କୁ ବିରୋଧ କରି ଗଣ୍ଡଗୋଳ କରିଥିଲେ। ପରେ କମିଟି ସଦସ୍ୟ ଗ୍ରାମର ସ୍ଥିତି ଅନୁଧ୍ୟାନ କରି ହାଇକୋର୍ଟରେ ରିପୋର୍ଟ ପ୍ରଦାନ କରିଥିଲେ। ଗତ ୨୩ ତାରିଖରେ ଉକ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଏବଂ ବିଚାରପତି ଆର୍.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଡିଙ୍କିଆର ବାସ୍ତବ ଚିତ୍ରର ସମ୍ପୂର୍ଣ୍ଣ ବିବରଣୀ ଆଣିବା ପାଇଁ କମିଟିକୁ ମାର୍ଚ୍ଚ ୫ରେ ଆଉ ଥରେ ଘଟଣାସ୍ଥଳ ଗସ୍ତ କରି ସେଠାରେ ଜନଶୁଣାଣି କରିବା ସହ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଇନଜୀବୀ ପ୍ରଶାନ୍ତ କୁମାର ଜେନା, ଓମ୍‌କାର ଦେବଦାସ, ସୁକାନ୍ତ କୁମାର ଦଳେଇ, ଅତିରିକ୍ତ ସରକାରୀ ଓକିଲ ଦେବକାନ୍ତ ମହାନ୍ତି ଓ ଜନ୍ମେଞ୍ଜୟ କଟିକିଆ ପ୍ରମୁଖଙ୍କୁ ନେଇ ଗଠିତ କମିଟି ପୁନର୍ବାର ଡିଙ୍କିଆ ଗସ୍ତରେ ଆସି ଜନଶୁଣାଣିରେ ଯୋଗଦେଇଥିଲେ। ଅନ୍ୟ ପକ୍ଷରେ ପୋଲିସ ଚିହ୍ନିଥିବା ପ୍ରକଳ୍ପ ବିରୋଧୀମାନଙ୍କୁ ଏହି ସମୟରେ ଭିତରକୁ ଛାଡ଼ି ନ ଥିବା ନେଇ ଅଭିଯୋଗ ହୋଇଛି।

ପଞ୍ଚାୟତ କାର୍ଯ୍ୟାଳୟ ଫାଟକ ନିକଟରେ ପୋଲିସ ପରିଚୟ ଯାଞ୍ଚ ଆଳରେ ବହୁ ଲୋକଙ୍କୁ ଭିତରକୁ ଛାଡି ନ ଥିଲା। ଏନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବାରୁ ଆଇନଜୀବୀ କମିଟିର ସଦସ୍ୟମାନେ ଆସି ଜନସାଧାରଣଙ୍କୁ ଭିତରକୁ ଛାଡିବାକୁ ପୋଲିସକୁ କହିଥିଲେ। ଏହାପରେ ସେମାନଙ୍କୁ ଛଡ଼ାଯାଇଥିଲେ ମଧ୍ୟ ବିରୋଧୀମାନଙ୍କୁ କିଛି କହିବାକୁ ନ ଦେଇ ଧକ୍କା ମାରି ଭିତରୁ ତଡ଼ି ଦିଆଯାଇଥିବା ନେଇ ଡିଙ୍କିଆର ପାର୍ବତୀ ବେହେରା, ରଶ୍ମିତା ମଲ୍ଲିକ, ମନୋଜ ମଲ୍ଲିକ, ଗୋବିନ୍ଦପୁରର ବିଶ୍ୱନାଥ ନାୟକ, ତ୍ରିଲୋଚନପୁରର ଚନ୍ଦନ ବିଶ୍ୱାଳ ପ୍ରମୁଖ କହିଛନ୍ତି। ଏପରି କି ଡିଙ୍କିଆର ପୂର୍ବତନ ସରପଞ୍ଚ ଶଲିଳା ନାୟକ କେତେ ଜଣ ମହିଳାଙ୍କ ସହ ଭିତରକୁ ପ୍ରବେଶକରିବାକୁ ଉଦ୍ୟମ କରିବାରୁ ତାଙ୍କୁ ଫେରାଇ ଦିଆଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଜାନୁୟାରୀ ୧୪ରେ ପୋଲିସ ମାଡ଼ରେ ଆହତ ହୋଇଥିବା ସ୍କୁଲ ଛାତ୍ରୀ ରାଲ୍ଲି ସ୍ୱାଇଁଙ୍କୁ ୧୮ବର୍ଷରୁ କମ୍ ବୟସ ଦର୍ଶାଇ ପୋଲିସ ଭିତରକୁ ଛାଡ଼ି ନ ଥିଲା। ଆଇନଜୀବୀ କମିଟି ସଦସ୍ୟ ଓ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ହସ୍ତକ୍ଷେପ ପରେ ତାଙ୍କୁ ପ୍ରବେଶ ଲାଗି ଅନୁମତି ମିଳିଥିଲେ ମଧ୍ୟ କହିବାକୁ ଦିଆଯାଇ ନ ଥିଲା। ଅପରପକ୍ଷେ ପାନବରଜ ଭାଙ୍ଗି ଜୀବିକା ହରାଇଥିବା ସଂଖ୍ୟାଧିକ ପଞ୍ଚାୟତବାସୀ ଶିଳ୍ପକୁ ସ୍ୱାଗତ କରଥିବା ବେଳେ ପୋଲିସର ମାତ୍ରାଧିକ କାର୍ଯ୍ୟକଳାପକୁ ଖଣ୍ଡନ କରିଥିଲେ। ଜୀବିକା ହରାଇଥିବାରୁ ଭବିଷ୍ୟତ ପାଇଁ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଯଥାଶୀଘ୍ର ପ୍ରତିଷ୍ଠା କରିବାକୁ ସେମାନେ ପ୍ରଶାସନ ନିକଟରେ ଦାବି କରିଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶକୁ ବାରଣ ସମ୍ପର୍କରେ ଏସ୍‌ପି ଅଖିଳେଶ୍ୱର ସିଂ କହିଥିଲେ ଜିଲା ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଆଇନଜୀବୀ କମିଟି ହାଇକୋର୍ଟ ପକ୍ଷରୁ ସେମିତି କିଛି ନିର୍ଦ୍ଦେଶ ଦିଆଯାଇ ନ ଥିବା କହିଥିବା ବେଳେ ବାରଣ ସମ୍ପର୍କରେ କିଛି କହି ନ ଥିଲେ।

ଜନଶୁଣାଣିର ସମସ୍ତ ବିବରଣୀର ଭିଡିଓ ରେକର୍ଡିଂ ହୋଇଥିବା ନେଇ ଜିଲା ପ୍ରଶାସନ ତରଫରୁ କୁହାଯାଇଛି। ଜନଶୁଣାଣି ବେଳେ କେତେଜଣ ଗ୍ରାମବାସୀ ପୋଲିସ ଭୟରେ ସେଠାକୁ ନ ଆସି ଗାଁରେ ବୁଲୁଥିବାର ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ଏହି ଶୁଣାଣିରେ ଜିଲାପାଳ ପାରୁଲ ପଟୱାରୀ, ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସ, ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମାର୍ଚ୍ଚ ୧୧ରେ ଆଇନଜୀବୀ କମିଟି ଏହାର ରିପୋର୍ଟ ପ୍ରସ୍ତୁତ କରି ହାଇକୋର୍ଟରେ ଦାଖଲ କରିବେ ବୋଲି ଜଣାପଡ଼ିଛି।



ଡିଙ୍କିଆ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ପୋଲିସ କର୍ମଚାରୀ ପରିଚୟପତ୍ର ଯାଞ୍ଚ କରୁଛନ୍ତି।

### ଚାନ୍ଦିନୀ ଛକ କ୍ରିକେଟ ଟିମ୍ ବିଜୟୀ

ମା'ଜୟଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ

ରାଜନଗର,୫।୩(ଡି.ଏନ.ଏ.)

ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ବରାଡିଆ ଠାରେ ମା'ଜୟଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଶନିବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ବଜରଙ୍ଗବାଲୀ କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୨୮ ରନ କରିଥିଲା। ଜୟଦୁର୍ଗା ନର୍ଥ ଇଲେଭେନ ଷ୍ଟାର ୯.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦ୍ୱିତୀୟ ମ୍ୟାଚ୍ ମା'ମଙ୍ଗଳା କ୍ରିକେଟ ଟିମ୍ ଡାଙ୍ଗମାଳ ଓ ଚାନ୍ଦିନୀଛକ କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଚାନ୍ଦିନୀଛକ କ୍ରିକେଟ ଟିମ୍ ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୧୭୮ ରନ କରିଥିଲା। ୧୭୯ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ମା'ମଙ୍ଗଳା କ୍ରିକେଟ ଟିମ୍ ୧୦ ଓଭରରେ ୪ ଉଇକେଟ ହରାଇ ୧୭୩ ରନ କରିବାକୁ ସକ୍ଷମ ହୋଇଥିଲା। କନିକା ରେଞ୍ଜ ଅଫିସର ମାନସ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

### ଷଷ୍ଠ ଦିନରେ ଅନଶନ ଭାଙ୍ଗିଲେ କୃଷକ ନେତା

ବାଲିକୁଦା, ୫।୩(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଆମ୍ବଶାଳ ସେବା ସମବାୟ ସମିତିରେ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣାଯାଉ ନ ଥିବାରୁ କୃଷକ ନେତା ଧର୍ମାନନ୍ଦ ରାଉତ ଆମରଣ ଅନଶନରେ ବସିଥିଲେ। ମାର୍ଚ୍ଚ ୩୧ ସୁଦ୍ଧା ଚାଷୀମାନଙ୍କ ଧାନ କିଣାଯିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ଶନିବାର ଷଷ୍ଠ ଦିନରେ ସେ ଅନଶନ ଭାଙ୍ଗିଛନ୍ତି। ବାଲିକୁଦା ଥାନା ଧିକାରୀ ରଜନୀକାନ୍ତ ମିଶ୍ର ଥଣ୍ଡା ପାଣି ପିଆଇ ରାଉତଙ୍କୁ ଅନଶନ ସ୍ଥଳରୁ ଉଠାଇଥିଲେ। ରାଉତ ୫ ଦିନ ହେବ ସମିତି ସମ୍ମୁଖରେ ଅନଶନରେ ବସିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ପ୍ରତିବାଦରେ ଶୁକ୍ରବାର ଶତାଧିକ ଚାଷୀ ବାଲିକୁଦା-ମାଛଗାଁ ମୁଖ୍ୟ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ବାଲିକୁଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ମାତ୍ର ରାଉତ ଅନଶନ ଜାରି ରଖିଥିଲେ। ଏହି ସେବା ସମବାୟ ସମିତିରୁ ମିଲର ଧାନ କିଣିବା ଆରମ୍ଭ କରିବା ପରେ ସେ ଅନଶନରୁ ଉଠିବେ ବୋଲି ଅଡ଼ି ବସିଥିଲେ। ଆଉ ମିଲର ଧାନ କିଣିବା ପରେ ରାଉତ ଅନଶନ ଭାଙ୍ଗିଛନ୍ତି। ଆମ୍ବଶାଳ ସେବା ସମବାୟ ସମିତିରେ ଧାନ କିଣାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ରାଉତ ଫେବୃୟାରୀ ୨୮ରୁ ସମିତି ସମ୍ମୁଖରେ ଅନଶନରେ ବସିଥିଲେ।

# ସିଆଇଏସ୍‌ଏଫ୍‌ର ପ୍ରତିଷ୍ଠା ଦିବସ

ପାରାଦୀପ,୫।୩(ସ୍ୱ.ପ୍ର.)

ସିଆଇଏସ୍‌ଏଫ୍‌ର ୫୩ତମ ପ୍ରତିଷ୍ଠା ଦିବସ ଶନିବାର ପାରାଦୀପ ନୂଆବଜାରସ୍ଥିତ ଏହାର କମ୍ପ୍ଲେକ୍ସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧଙ୍କୁ ସିଆଇଏସ୍‌ଏଫ୍ (କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ) ଯବାନ ମାନେ ଗାର୍ଡ ଅଫ ଅନର ଦେଇଥିଲେ। ଏହି ସୁରକ୍ଷା ବଳ ଅଧୀନରେ ଏବେ ଦେଶର ୧ ଲକ୍ଷ ୮୦ ହଜାର ଯବାନ ଥିବାବେଳେ ସେମାନେ ବିଭିନ୍ନ ସରକାରୀ ସଂସ୍ଥାର ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ପୂର୍ବ ଭାରତର ଅନ୍ୟତମ ବୃହତ୍ ବନ୍ଦର ପାରାଦୀପର ସୁରକ୍ଷା ନିରାପତ୍ତା ଦାୟିତ୍ୱ ସିଆଇଏସ୍‌ଏଫ ହାତରେ ରହିଛି ବୋଲି ଅଧ୍ୟକ୍ଷ ହାରାନ୍ଧ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଏ.କେ ବୋଷ,ସିଆଇଏସଏଫ କମାଣ୍ଡାଣ୍ଟ ଅକ୍ଷତ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।


ସିଆଇଏସ୍‌ଏଫ୍ ଯବାନଙ୍କ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଉଛି।

# ସରିତାଙ୍କୁ କେନ୍ଦ୍ରାପଡ଼ା ପୌର ଅଧ୍ୟକ୍ଷା ଟିକେଟ୍

■ ନାମ ଘୋଷଣା କଲା ବିଜେଡି
■ ୨ ଦିନରେ ଶତାଧିକ ପ୍ରାର୍ଥୀପତ୍ର ଦାଖଲ ହେବ
■ ନାମାଙ୍କନପତ୍ର ଦାଖଲ କଲେ ଏକମାତ୍ର ସ୍ୱାଧୀନ ପ୍ରାର୍ଥୀ

କେନ୍ଦ୍ରାପଡ଼ା ଅଫିସ,୫।୩

କେନ୍ଦ୍ରାପଡ଼ା ପୌର ନିର୍ବାଚନ ପାଇଁ ତତ୍ପରତା ପ୍ରକାଶ ପାଇଛି। ବିଜେଡି ସର୍ବପ୍ରଥମେ ଅଧ୍ୟକ୍ଷା ପ୍ରାର୍ଥୀ ଚୟନ କରିଛି। ରାଜ୍ୟ ସମ୍ପାଦକ ରଞ୍ଜିତ କୁମାର ସାହୁଙ୍କ ସ୍ତ୍ରୀ ସରିତାଙ୍କୁ ଏହି ପଦ ପାଇଁ ଲଢ଼ିବାକୁ ଦଳ ଟିକେଟ୍ ଦେବ ବୋଲି ଶନିବାର ଘୋଷଣା କରିଛି। ଅପରପକ୍ଷେ ଭାଜପା ଓ କଂଗ୍ରେସ ପୌର ନିର୍ବାଚନ ଲାଗି ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଗତ ୨ରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। କେବଳ ପୌରାଞ୍ଚଳ ଅଧୀନ ୧୦ ନଂ. ୱାର୍ଡ କାଉନସିଲର ପଦ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ସରଳା ସାହୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅନ୍ୟ କୌଣସି ପ୍ରାର୍ଥୀ ଶନିବାର ସୁଦ୍ଧା ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ଆସନ୍ତା ୭ ତାରିଖ ମଧ୍ୟରେ ପୌରାଞ୍ଚଳର ୨୧ ୱାର୍ଡ ପାଇଁ ଶତାଧିକ ପ୍ରାର୍ଥୀପତ୍ର ଦାଖଲ ହେବା ସମ୍ଭାବନା ଅଛି। ଦଳୀୟ ଟିକେଟରୁ ବଞ୍ଚିତ କେତେଜଣ ଆଶାୟୀ ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ଆଲୋଚନା ହେଉଛି।

ବିଜେଡି ଜିଲା ସଭାପତି ଉତ୍କଳ କେଶରୀ ପରିଡ଼ା, ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି ଓ ଜିଲା ଭାଜପା ସଭାପତି କିଶୋର କୁମାର ପଣ୍ଡା କହିଛନ୍ତି, ଶନିବାର ରାତି ସୁଦ୍ଧା ସମସ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ଚଳିତ ପୌର ନିର୍ବାଚନରେ କାଉନସିଲର ସହିତ ଅଧ୍ୟକ୍ଷା ପଦ ପାଇଁ ପ୍ରତ୍ୟକ୍ଷ ଭାବେ ଭୋଟ ଗ୍ରହଣ ହେବ। ତେବେ ଏହି ନିର୍ବାଚନର ବିଜୟକୁ ନେଇ ସମସ୍ତ ଦଳୀୟ ନେତା ମାପିଚୁପି ପଦକ୍ଷେପ ନେଉଥିବା ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ସହରର ଅମରବର ବିଶ୍ୱାଳ, ଚିତ୍ତରଞ୍ଜନ ସାହୁ, ମୀର ଅବୁ ଓବେଦା ପ୍ରମୁଖ କହିଛନ୍ତି, ରାଜ୍ୟର ସର୍ବପୁରାତନ ଏହି ପୌରାଞ୍ଚଳର ବିକାଶକୁ ନେଇ ଜନ ଅସନ୍ତୋଷ ରହିଛି। ଯାହା ବିଜେଡି ପାଇଁ ବିରୋଧୀଙ୍କ ମୁଖ୍ୟ ଅସ୍ତ୍ର ପାଲଟିବ। ୧୫୩ ବର୍ଷର ପୁରୁଣା ଏହି ପୌରାଞ୍ଚଳରେ ଏବେ ବି ଜଳ ନିଷ୍କାସନ ସମସ୍ୟା ରହିଛି। ଦ୍ୱିତୀୟ ବାଇପାସ୍ ନିର୍ମାଣ ଦୀର୍ଘଦିନ ଧରି ଅସମ୍ପୂର୍ଣ୍ଣ ଭାବେ ପଡ଼ି ରହିଛି। ଟ୍ରାଫିକଠାରୁ ପରିମଳ ବ୍ୟବସ୍ଥା ଆଦି ସମସ୍ୟା ଥିବା ବେଳେ ରାଜ୍ୟ ସରକାରଙ୍କ ଜାଗା ମିଶନରେ ଭୂମିହୀନଙ୍କୁ ପଟ୍ଟା ଓ ସ୍ଥାନ ମିଳିନାହିଁ। ସହର ମଧ୍ୟରେ ପୁରୁଣା କୀର୍ତ୍ତିରାଜିର ସୁରକ୍ଷା ନାହିଁ। ଏହାବ୍ୟତୀତ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବାକୁ ନେଇ ସହରବାସୀଙ୍କ ଆପତ୍ତି ଅଭିଯୋଗ ଅଛି। ଚଳିତ ନିର୍ବାଚନରେ ଏସବୁକୁ ପ୍ରସଙ୍ଗ କରି ବିରୋଧୀ ପ୍ରାର୍ଥୀ ଶାସକ ଦଳକୁ ଘେରିବେ। ଅପରପକ୍ଷେ ଗତ ୨୨ ବର୍ଷର ଉନ୍ନୟନ କାର୍ଯ୍ୟକୁ ନେଇ ବିଜେଡି ପ୍ରାର୍ଥୀ ଲୋକଙ୍କୁ ଭେଟିବେ। ଚଳିତ ନିର୍ବାଚନରେ ରାଜ୍ୟର ପ୍ରମୁଖ ୩ ରାଜନୈତିକ ଦଳର ଅସନ୍ତୁଷ୍ଟ ପ୍ରାର୍ଥୀ ଏଥର ପୌର ନିର୍ବାଚନକୁ ପ୍ରଭାବିତ କରିବେ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି।

# ବସନ୍ତ ବିଶ୍ୱାଳ ବିଜେଡିର ଅଧ୍ୟକ୍ଷ ପ୍ରାର୍ଥୀ

ପାରାଦୀପ ପୌର ପରିଷଦ
■ କାଉନ୍‌ସିଲର ଲାଗି ୧୫ ନୂଆ, ୪ ପୁରୁଣା ପ୍ରାର୍ଥୀ

ପାରାଦୀପ,୫।୩(ସ୍ୱ.ପ୍ର.)

ପାରାଦୀପ ପୌର ନିର୍ବାଚନ ପାଇଁ ଶନିବାର ସନ୍ଧ୍ୟାରେ ବିଜେଡିର ପ୍ରାର୍ଥୀ ତାଲିକା ଘୋଷଣା ହୋଇଛି। ୧୯ଟି ୱାର୍ଡର କାଉନ୍‌ସିଲର ପ୍ରାର୍ଥୀଙ୍କ ସମତେ ଅଧ୍ୟକ୍ଷ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଅଧ୍ୟକ୍ଷ ଭାବେ ବିଜେଡି ନଗର ସଭାପତି ତଥା ପୂର୍ବତନ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କୁ ପ୍ରାର୍ଥୀ କରାଯାଇଛି। କାଉନସିଲର ପାଇଁ ୧୫ ନୂଆ, ୪ ପୁରୁଣା ପ୍ରାର୍ଥୀ ବଛାଯାଇଛି। ପୁରୁଣାଙ୍କ ମଧ୍ୟରେ ୫ ଜଣ କାଉନସିଲର ବାଦ୍ ପଡିଛନ୍ତି। ସେମାନେ ହେଲେ ୪ଥର କାଉନସିଲର ଥିବା କେ. ଜଗନ୍ନାଥ ରାଓ, ନଗର ବିଜେଡି ମହିଳା ସଭାପତି ତଥା ୨ ଥର କାଉନସିଲର ଚପଳା ସ୍ୱାଇଁ, ବରିଷ୍ଠ କାଉନସିଲର ଅକ୍ଷୟ ପରିଡା, ଅଜୟ ନାୟକ ଓ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ସମ୍ପର୍କୀୟ ମିଟୁ ରାଉତ। ଯେଉଁ ୪ ପୁରୁଣା କାଉନ୍‌ସିଲର ଏଥର ପୁଣି ସୁଯୋଗ ପାଇଛନ୍ତି ସେମାନେ ହେଲେ ପୂର୍ବତନ ଉପାଧ୍ୟକ୍ଷା ପ୍ରଭାତୀ ନାୟକ, ରଶ୍ମିତା ଦାସ, ଶଙ୍କର ପ୍ରସାଦ ରାଉତ ଓ କାମ୍ଭଲା ରାମବାବୁ। ତେବେ ଆଉ ୪ ଜଣ ପୁରୁଣା ମୁହଁ ହୋଇଥିଲେ ମଧ୍ୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଅଦଳବଦଳ କରାଯାଇ ପ୍ରାର୍ଥୀ କରାଯାଇଛି। ସେମାନେ ହେଲେ ଅଜିତ ଷଡ଼ଙ୍ଗୀ, ସୁଶୀଲ ମହାପାତ୍ର, ଶ୍ରୀମୟୀ ରାୟ, ଓ ଚିନ୍ମୟୀ ବିଶ୍ୱାଳ। ଅନ୍ୟ ପ୍ରାର୍ଥୀ ହେଲେ ସଚିତ୍ର ରାୟ, ରେଖା ପରିଜା, କବିତା ସାହୁ, ବିକ୍ରମ ମହାନ୍ତି, ଭାରତୀ ସାମନ୍ତରାୟ, ସରୋଜିନୀ ସାହୁ, ସୁଶାନ୍ତ ଦାସ, ସୁବାସିନୀ ବେତ୍ରା, ମନୋଜ କୁମାର ନାୟକ, ଚିରସ୍ମିତା ତରାଇ ଓ ନବକୁମାର ବେହେରା।


ବସନ୍ତ ବିଶ୍ୱାଳ।

### ସ୍କୁଲ ଖୋଲିବା ପାଇଁ ଅଭିଭାବକ କମିଟି ବୈଠକ

ପାରାଦୀପ,୫।୩(ସ୍ୱ.ପ୍ର.)

ପାରାଦୀପ ମଧୁବନସ୍ଥିତ ବେଥାନୀ କନଭେଣ୍ଟ ସ୍କୁଲରେ ଶନିବାର ଶିକ୍ଷୟିତ୍ରୀ,ଶିକ୍ଷକ ଓ ଅଭିଭାବକ ଓ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କରୋନା କଟକଣା ଓ ସ୍କୁଲ ଖୋଲିବା ନେଇ ଅଭିଭାବକ ମଧ୍ୟରେ ଆଲୋଚନା ହୋଇଥିଲା। ବୈଠକରେ ଅଧ୍ୟକ୍ଷ ଜୀବନ୍ତ କୁମାର ନାୟକଙ୍କ ସମେତ ଅଭିଭାବକ ରାଜକିଶୋର ସାହୁ, ସ୍ମୃତିରଞ୍ଜନ ନାୟକ, ରଶ୍ମିରଞ୍ଜନ ବେଉରା ପ୍ରମୁଖ ଯୋଗଦେଇଥିଲେ।

# 'ବିଜୁବାବୁଙ୍କ ଆଦର୍ଶ ଯୁବମାନସର ଅନୁକରଣୀୟ ହେଉ'

ବିରିଡି/ପାରାଦୀପ, ୫।୩ (ଡି.ଏନ୍.ଏ./ସ୍ୱ.ପ୍ର.)

କଳିଙ୍ଗର ମୁକୁଟ ବିହୀନ ସମ୍ରାଟ ହେଲେ ବିଜୁ ପଟ୍ଟନାୟକ। ତାଙ୍କ ଆଦର୍ଶ ଓଡ଼ିଆ ଯୁବମାନସର ଅନୁକରଣୀୟ ହେଉ ବୋଲି ଶନିବାର ବିଜୁବାବୁଙ୍କ ୧୦୬ତମ ଜୟନ୍ତୀ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିରିଡି ବ୍ଲକ ବିଜୁ ଭବନ ନିକଟରେ ଏନେଇ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ବିରିଡି ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ଉପସଭାପତି ରବିନାରାୟଣ ଜେନା, ସରୋଜ କାନ୍ତ ସ୍ୱାଇଁ, ଜିଲା ସମ୍ପାଦକ ପବିତ୍ର ପଶାୟତ, ଯୁବ ନେତା ଦେବୀପ୍ରସାଦ ତ୍ରିପାଠୀ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ପ୍ରଦୀପ୍ତ ଭୂୟାଁ ଓ ନବ ନିର୍ବାଚିତ ଜିଲା ପରିଷଦ ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରଘୁନାଥପୁର ଓ ତିର୍ତ୍ତୋଲ ବ୍ଲକର ଜନପ୍ରତିନିଧିମାନେ ସାମିଲ ହୋଇଥିଲେ। ଶେଷରେ ମିର୍ ଆଜମିର ଅଲ୍ଲୀ ଧନ୍ୟବାଦ ଦେଇଥିଲେ। ସେହିପରି ପାରାଦୀପ ନୂଆବଜାରସ୍ଥିତ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପରିସରରେ ଶନିବାର ବିଜୁ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଯୋଗଦେଇ ବିଜୁ ବାବୁଙ୍କ ଜୀବନାଦର୍ଶ ଓ ପଞ୍ଚାୟତିରାଜ ଦିବସ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ବିଶ୍ୱାଳ, ମାଗୁଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଶ୍ରମିକନେତା ତଥା ବିଜେଡି ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ, ଉଲ୍ଲାସ ବିଶ୍ୱାଳ ପ୍ରମୁଖ ଅଠରବାଙ୍କିଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରିଥିଲେ।


ବିରିଡ଼ି ବ୍ଲକରେ ଅନୁଷ୍ଠିତ ବିଜୁ ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ନେତୃମଣ୍ଡଳୀ।

# ୨ ମାସର ରିଲିଫ୍ ଚାଉଳ ଆତ୍ମସାତ୍

### ୩ ହଜାର ହିତାଧିକାରୀ ହତାଶ

ରାଜନଗର,୫।୩(ଡି.ଏନ.ଏ.)

ରାଜନଗର ବ୍ଲକରେ ଯୋଗାଣ ବିଭାଗରେ ହୋଇଥିବା ବଡ଼ଧରଣର ଦୁର୍ନୀତି ସାମ୍ନାକୁ ଆସିଛି। ଏବେ ଫେବୃୟାରୀ ଓ ମାର୍ଚ୍ଚର ରିଲିଫ୍ ଚାଉଳ ହିତାଧିକାରୀଙ୍କୁ ବଣ୍ଟନ କରାଯାଉଛି। ଏହି ବ୍ଲକର ଈଶ୍ୱରପୁର ପଞ୍ଚାୟତ ଜୁନୁସନଗର ରିଟେଲର ପଏଣ୍ଟରେ କୌଣସି ହିତାଧିକାରୀ ଏଯାଏ ସରକାର ଘୋଷଣା କରିଥିବା ରିଲିଫ୍ ଚାଉଳ ପାଇନାହାଁନ୍ତି। ୩ ହଜାର ୨୫ଜଣ ହିତାଧିକାରୀଙ୍କ ପାଇଁ ଆସିଥିବା ଡିସେମ୍ବର ଓ ଜାନୁୟାରୀର ରିଲିଫ୍ ଚାଉଳକୁ କଳାବଜାରରେ ବିକ୍ରି କରି ଦିଆଯାଇଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ଜୁନୁସନଗର ରିଟେଲର ଧିରେନ୍ଦ୍ରନାଥ ମହାକୁଡ ଜୁନୁସନଗର, ବଳଭଦ୍ରପୁର, ରାଜବିଜୟନଗର, ଅଜଗରପାଟିଆ, ଦିଘି, ରିଘାଗଡ଼ ଗାଁର ରିଟେଲର ଭାବେ କାମ କରନ୍ତି। ତାଙ୍କ ନିକଟରେ ୬୪୦ ରାଶନକାର୍ଡ ହିତାଧିକାରୀ ରହିଛନ୍ତି। ୬୪୦ କାର୍ଡରେ ୩,୦୨୫ ଜଣ ହିତାଧିକାରୀଙ୍କୁ ସରକାର ପ୍ରତିମାସରେ ଚାଉଳ, ଗହମ, କିରୋସିନ ଯୋଗାଇ ଦେଉଛନ୍ତି। କରୋନା ୩ୟ ଲହର ଓମିକ୍ରନ ସମୟରେ ପ୍ରଧାନମନ୍ତ୍ରୀ ରାଶନକାର୍ଡ କୋଟା ସହିତ ଅତିରିକ୍ତ ୪ମାସ ପାଇଁ ରିଲିଫ୍ ଚାଉଳ ଯୋଗାଇ ଦେବା ଲାଗି ଘୋଷଣା କରିଥିଲେ। ଡିସେମ୍ବର ୨୦୨୧ରୁ ମାର୍ଚ୍ଚ ୨୦୨୨ ସୁଦ୍ଧା ୪ ମାସର ଅତିରିକ୍ତ ରିଲିଫ୍ କୋଟା ଯୋଗାଇ ଦେଇଛନ୍ତି। ଜୁନୁସନଗର, ରାଜବିଜୟନଗର, ବଳଭଦ୍ରପୁର, ଅଜଗରପାଟିଆ, ଦିଘି, ରିଘାଗଡ ଗାଁର ଜଣେ ବି ହିତାଧିକାରୀଙ୍କୁ ରିଲିଫ୍ ଚାଉଳ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଜୁନୁସନଗର ଗାଁର ବନଲତା ମଣ୍ଡଳ, ମଞ୍ଜୁବାଳା ଧାଉଡିଆ, ଚାରୁଲତା ଧାଉଡିଆ, ଭାଗ୍ୟବତୀ ମାଇତି, ମନ୍ଦାକିନୀ ବିଶ୍ୱାଳ, ସରସ୍ୱତୀ ମଣ୍ଡଳ, ମିନୁରାଣୀ ପ୍ରଧାନ, ଶଶୀକଳା ସ୍ୱାଇଁ, ସୁଜାତା ମାଇତି ପ୍ରମୁଖ ଶତାଧିକ ହିତାଧିକାରୀଙ୍କ ଅଭିଯୋଗ ହେଲା ରିଟେଲର ତାଙ୍କୁ ରିଲିଫ୍ ଚାଉଳ ଦେଉନାହାଁନ୍ତି।

ଶନିବାର ଜୁନୁସନଗର ବଜାରରେ ଜୁନୁସନଗର ହିତାଧିକାରୀଙ୍କୁ ଜାନୁୟାରୀ, ଫେବୃୟାରୀ ୨ର ଚାଉଳ ଦେଉଥିଲେ। ଅନ୍ୟମାନେ ରିଲିଫ ଚାଉଳ ପାଇସାରିଛନ୍ତି, ଆମକୁ କାହିଁକି ଚାଉଳ ଦିଆଯାଉନାହିଁ ବୋଲି ହିତାଧିକାରୀମାନେ ରିଟେଲରଙ୍କୁ ପଚାରିଥିଲେ। ରିଲିଫ୍ ଚାଉଳ ଉପରୁ ମିଳିନି, ଆମେ କେଉଁଠୁ ଆଣି ଦେବୁ ବୋଲି ରିଟେଲରଙ୍କ ପୁଅ ଦେବାଶିଷ ହିତାଧିକାରୀଙ୍କୁ ଓଲଟା ପ୍ରଶ୍ନ କରିଥିଲେ। ଏହାର ଭିଡିଓ କରି ହିତାଧିକାରୀମାନେ ସୋସିଆଲ ମିଡିଆରେ ଛାଡିବା ସହିତ ଯୋଗାଣ ବିଭାଗକୁ ଏ ସଂକ୍ରାନ୍ତରେ ଜଣାଇଛନ୍ତି। ରିଟେଲର ମହାକୁଡଙ୍କୁ ପଚାରିବାରୁ ଡିସେମ୍ବର, ଜାନୁୟାରୀର ରିଲିଫ୍ ଚାଉଳ ଉଠିଛି, ଲୋକଙ୍କୁ ବଣ୍ଟା ହୋଇନି। ରିଲିଫ୍ ଚାଉଳ ଜୁନୁସନଗରରେ ଷ୍ଟକ ନାହିଁ ବୋଲି କହିଛନ୍ତି। ଏ ସମ୍ପର୍କରେ ଯୋଗାଣ ଅଧିକାରୀ ଦେବୀ ପ୍ରସାଦ ଦାସଙ୍କ ସୂଚନା ମୁତାବକ ୫ ଫେବୃୟାରୀ ୨୦୨୨ ସୁଦ୍ଧା ରାଜନଗର ବ୍ଲକର ସମସ୍ତ ରିଟେଲର ଡିସେମ୍ବର ଓ ଜାନୁୟାରୀର ରିଲିଫ୍ ଚାଉଳ ବଣ୍ଟନ କରି ସାରିଛନ୍ତି। ସମସ୍ତ ରିଟେଲର ମେଶିନ ମାଧ୍ୟମରେ ବିଲିଂ କରିସାରିଛନ୍ତି। ୫ଦିନ ହେଲା ଫେବୃୟାରୀ ଓ ମାର୍ଚ୍ଚ ୨ର ରିଲିଫ୍ ଚାଉଳ ବଣ୍ଟନ ଚାଲିଛି। ଜୁନୁସନଗରରେ ରିଲିଫ୍ ଚାଉଳ ବଣ୍ଟା ନ ହେବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଯୁଦ୍ଧଜାହାଜରୁ ବ୍ରହ୍ମୋସ୍‌ର ସଫଳ ପରୀକ୍ଷା

ଭାରତୀୟ ନୌସେନା ଶନିବାର ବ୍ରହ୍ମୋସ୍ କ୍ରୁଜ୍ କ୍ଷେପଣାସ୍ତ୍ରର ଏକ ଦୀର୍ଘ ଲକ୍ଷ୍ୟଭେଦୀ ଭର୍ସନର ସଫଳ ପରୀକ୍ଷା କରାଇଛି। ଯୁଦ୍ଧଜାହାଜରୁ ଛଡ଼ାଯାଇଥିବା ଏହି କ୍ଷେପଣାସ୍ତ୍ର ନିର୍ଦ୍ଦିଷ୍ଟ ପଏଣ୍ଟକୁ ଲକ୍ଷ୍ୟଭେଦ କରିଥିଲା। ଶବ୍ଦ ବେଗରୁ ଅଧିକ ବେଗରେ ଗତି କରୁଥିବା ଏହି ସୁପରସୋନିକ କ୍ଷେପଣାସ୍ତ୍ର ୨୦୦୬ରେ ନୌସେନା ଓ ବାୟୁସେନାରେ ସାମିଲ ହୋଇଥିଲା।

# ଯୁଦ୍ଧ ଭିତରେ ଅସ୍ତ୍ରବିରତି

- ୨ ସହରରେ ଆକ୍ରମଣ ସାମୟିକ ବନ୍ଦ ରଖିଲା ରୁଷିଆ
- ଅସ୍ତ୍ରବିରତି ଉଲ୍ଲଂଘନ ଅଭିଯୋଗ ଆଣିଲା ୟୁକ୍ରେନ୍
- ସହର ଛାଡ଼ିବାକୁ ବାହାରିଥିବା ଲୋକେ ପୁଣି ଘରମୁହାଁ

**କ୍ୱିଭ୍, ୫।୩**

ୟୁକ୍ରେନ୍ ଉପରେ ଆକ୍ରମଣ କରିବାର ୧୦ମ ଦିନରେ ରୁଷିଆ ଶନିବାର ସାମୟିକ ଅସ୍ତ୍ରବିରତି ଘୋଷଣା କରିଛି। ୟୁକ୍ରେନ୍‌ର ମାରିୟୁପୋଲ ଏବଂ ଭୋଲନୋଭାଖା ସହରରୁ ଲୋକେ ସୁରକ୍ଷିତ ବାହାରିବା ନିମନ୍ତେ ରୁଷିଆ ଶନିବାର ଭାରତୀୟ ସମୟ ପ୍ରାୟ ସାଢ଼େ ୧୧ଟାରେ ମାନବ କରିଡର ନିର୍ମାଣ କରାଯିବା ବାବଦରେ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସକାଳେ କୁହାଯାଇଥିଲା। ବେଲାରୁଷ ସୀମା ବେଷ୍ଟରେ ରୁଷିଆ ଓ ୟୁକ୍ରେନ୍ ପ୍ରତିନିଧିଙ୍କ ମଧ୍ୟରେ ଗୁରୁବାର ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ସାଧାରଣ ନାଗରିକଙ୍କୁ ସୁରକ୍ଷିତ ସ୍ଥାନାନ୍ତର ଉପରେ ହୋଇଥିବା ଆଲୋଚନାରେ ଉଭୟ ପକ୍ଷ ସହମତ ହୋଇଥିଲେ। ପ୍ରାୟ ସାଢ଼େ ୬ ଘଣ୍ଟା ପର୍ଯ୍ୟନ୍ତ ଯୁଦ୍ଧବିରତି କରାଯିବା ନେଇ ରୁଷିଆ ପକ୍ଷରୁ କୁହାଯାଇଥିଲା। ତେବେ ଅସ୍ତ୍ରବିରତିର କିଛି ସମୟ ପରେ ରୁଷିଆ ସୈନ୍ୟ ବୋମା ବର୍ଷଣ କରିଥିବା ମାରିୟୁପୋଲ କର୍ତ୍ତୃପକ୍ଷ ଅଭିଯୋଗ ଆଣିଛନ୍ତି। ଏଥିଯୋଗୁ ଲୋକେ ସେଠାରୁ ବାହାରିପାରୁ ନ ଥିବା ସେ କହିଛନ୍ତି। ସେମାନେ ଆତଙ୍କିତ ଅଛନ୍ତି। ଫଳରେ ବାହାରକୁ ଆସିଥିବା ଲୋକଙ୍କୁ ପୁନଃ ସେମାନଙ୍କ ଘରକୁ ପଠାଯାଉଛି। ଏହା ଉପରେ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟ ପ୍ରତିକ୍ରିୟା ରଖିଛି। ସହରରୁ ଲୋକଙ୍କୁ ବାହାରକୁ ଯିବାକୁ ଦିଆଯାଉ ନ ଥିବା ରୁଷିଆ କହିଛି। ୟୁକ୍ରେନ୍‌ର 'ରାଷ୍ଟ୍ରବାଦୀ' ଲୋକ ଜନସାଧାରଣଙ୍କୁ ଅଟକାଉଛନ୍ତି। ମାନବୀୟ କରିଡର ନିର୍ମାଣ ବେଳେ ରୁଷିଆ ସୁରକ୍ଷାବଳ ଉପରେ ଆକ୍ରମଣ କରାଯାଇଥିବା କ୍ରେମଲିନ୍ ପକ୍ଷରୁ କୁହାଯାଇଛି।

ମାରିୟୁପୋଲ ବ୍ଲାକ୍ ସାଗରରେ ୟୁକ୍ରେନ୍‌ର ସବୁଠୁ ବଡ଼ ବନ୍ଦର ଏବଂ କ୍ରିମିଆ ଏବଂ ରୁଷିଆ ମଧ୍ୟରେ ଥିବା ଏକ ପ୍ରମୁଖ ସହର। ଯଦି ରୁଷିଆ ମାରିୟୁପୋଲକୁ କବ୍‌ଜା କରିନିଏ ତେବେ ପୂର୍ବ ୟୁକ୍ରେନ୍‌ର ଲୁହାନ୍‌ସ୍କ ଏବଂ ଡୋନେସ୍କକୁ ଯୋଡୁଥିବା ରୁଟ୍‌କୁ ନିୟନ୍ତ୍ରଣ କରିହେବ। ତେଣୁ ରୁଷିଆ ସୈନ୍ୟ ମାରିୟୁପୋଲ ସହରକୁ ଅକ୍ତିଆର କରିବା ନିମନ୍ତେ ଆକ୍ରମଣ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ୟୁକ୍ରେନ୍‌କୁ ନୋ-ଫ୍ଲାଏ ଜୋନ୍ କରିବା ନିମନ୍ତେ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କରିଥିବା ଅନୁରୋଧକୁ ନାଟୋ ପ୍ରତ୍ୟାଖାନ କରିଛି। ଏହା ନାଟୋର ଦୁର୍ବଳତା ବୋଲି କହି ଜେଲେନ୍‌ସ୍କି ସମାଲୋଚନା କରିଛନ୍ତି। ରୁଷିଆ ଆକ୍ରମଣରେ ଏବେଠାରୁ ଯେଉଁମାନେ ପ୍ରାଣ ହରାଇବେ ସେଥିପାଇଁ ନାଟୋ ତଥା ପାଶ୍ଚାତ୍ୟ ଦେଶ ଦାୟୀ ରହିବେ ବୋଲି ସେ କ୍ରୋଧ ପ୍ରକାଶ କରିଛନ୍ତି।


ରୁଷିଆ ଆକ୍ରମଣରେ ୟୁକ୍ରେନ୍‌ର ଏକ ସହରରେ ଜଳୁଥିବା ଘର ସାମ୍ନା ଦେଇ ଜଣେ ଭୟଭୀତ ମହିଳା ପଳାଇଯାଉଛନ୍ତି ।

## ସଂକ୍ଷେପରେ

### 'ୟୁକ୍ରେନ୍‌ରେ ବଳାତ୍କାର କରୁଛନ୍ତି ରୁଷିଆ ସୈନ୍ୟ'


ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଡିମିଟ୍ରୋ କୁଲେବା

**ଲଣ୍ଡନ,୫।୩:** ୟୁକ୍ରେନ୍‌ର ବିଭିନ୍ନ ସହରରେ ରୁଷିଆ ସୈନ୍ୟମାନେ ବଳାତ୍କାର କରୁଥିବା ଅଭିଯୋଗ ହୋଇଛି। ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଡିମିଟ୍ରୋ କୁଲେବା ଏଭଳି ଅଭିଯୋଗ ଆଣିଥିବାବେଳେ ଏହା ଉପରେ କୌଣସି ପ୍ରମାଣ ଦେଇପାରି ନାହାନ୍ତି। ଦୁର୍ଭାଗ୍ୟର କଥା ଯେ, ୟୁକ୍ରେନ୍ ସହର ଉପରେ ବୋମାମାଡ଼ ହେଉଥିବାବେଳେ ସେଠାରେ ରୁଷିଆ ସୈନ୍ୟମାନେ ମହିଳାଙ୍କୁ ବଳାତ୍କାର କରୁଛନ୍ତି। ଏଭଳି ଅନେକ ଘଟଣା ଘଟିଲାଣି। ତେଣୁ ଅନ୍ତର୍ଜାତୀୟ ଆଇନର ସାମର୍ଥ୍ୟ ଉପରେ କହିବାକୁ କଷ୍ଟ ଲାଗୁଛି ବୋଲି କୁଲେବା ଲଣ୍ଡନଠାରେ ଏକ କାର୍ଯ୍ୟକ୍ରମରେ କହିଛନ୍ତି।

### ଦକ୍ଷିଣ କୋରିଆରେ ଜଙ୍ଗଲ ନିଆଁ: ୬ ହଜାର ସ୍ଥାନାନ୍ତର

**ସିଓଲ,୫।୩:** ଦକ୍ଷିଣ କୋରିଆର ପୂର୍ବ ଉପକୂଳରେ ଥିବା ବ୍ୟାପକ ଜଙ୍ଗଲରେ ନିଆଁ ଲାଗିଯିବାରୁ ସାମୟିକ ଭାବେ ସେଠାର ଏକ ଆଣବିକ ଶକ୍ତି ପ୍ରକଳ୍ପ ଏବଂ ଏଲ୍‌ଏନ୍‌ଜି ପ୍ଲାଣ୍ଟ ପ୍ରତି ବିପଦ ସୃଷ୍ଟି ହୋଇଛି। ଜଙ୍ଗଲ ନିଆଁରେ ୯୦ ଘର ଧ୍ୱଂସ ହୋଇଥିବାବେଳେ ୬,୨୦୦ ଲୋକ ଘରଦ୍ୱାର ଛାଡ଼ି ପଳାଇଗଲେଣି। ନିଆଁଲିଭା କାର୍ଯ୍ୟରେ ହଜାର ହଜାର ଅଗ୍ନିଶମ କର୍ମଚାରୀ ଓ ସୈନ୍ୟ ସାମିଲ ହୋଇଛନ୍ତି। ଏଥିରେ ୬୫ ହେଲିକପ୍ଟର ଏବଂ ୫୧୩ ଗାଡ଼ିକୁ ନିୟୋଜିତ କରାଯାଇଛି। ଉପକୂଳ ସହର ଉଲ୍‌ଜିନ୍‌ର ପାର୍ବତ୍ୟାଞ୍ଚଳରେ ଥିବା ଜଙ୍ଗଲରେ ଶୁକ୍ରବାର ସକାଳେ ନିଆଁ ଲାଗିଯାଇଥିଲା। ଏହା ନିକଟବର୍ତ୍ତୀ ସହର ସାମଚେଓକ୍ ପର୍ଯ୍ୟନ୍ତ ୬,୦୦୦ ହେକ୍ଟରରୁ ଉର୍ଦ୍ଧ୍ୱ ଅଞ୍ଚଳକୁ ବ୍ୟାପିଗଲାଣି। ଉକ୍ତ ଅଞ୍ଚଳରେ ଥିବା ୧୫୯ ଘର ଓ ୪୬ ବିଲ୍ଡିଂରୁ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଉଲ୍‌ଜିନ ଓ ସାମଚେଓକ୍ ପାର୍ବତ୍ୟାଞ୍ଚଳରୁ ପ୍ରବଳ ଧୂଆଁ ଉଠୁଥିବା ଦେଖାଯାଇଛି।

### ଜେହାଦୀ ସଂଗଠନରେ ସାମିଲ ୫ ଗିରଫ

**ଗୁଆହାଟୀ,୫।୩(ଆଇଏଏନ୍‌ଏସ୍):** ଜେହାଦୀ ସଂଗଠନ ସହ ସାମିଲ ଥିବା ଜଣେ ବାଂଲାଦେଶୀଙ୍କ ସମେତ ୫ ଜଣଙ୍କୁ ପଶ୍ଚିମ ଆସାମରୁ ଗିରଫ କରାଯାଇଛି। ସେମାନଙ୍କ ସଂଗଠନକୁ ଭାରତୀୟ ଉପମହାଦେଶର ଅଲ୍‌କାଏଦା (ଏକ୍ୟୁଆଇଏସ୍) ସ୍ୱୀକୃତି ପ୍ରଦାନ କରିଥିବା ବିଶ୍ୱାସ କରାଯାଉଛି। ଗୋଇନ୍ଦା ରିପୋର୍ଟ ଆଧାରରେ ସ୍ଥାନୀୟ ପୋଲିସ ହାଓଲି, ବାରପେଟା ଓ କାଲଗାଚିଆ ଥାନା ଅଞ୍ଚଳରେ ଚଢ଼ାଉ କରି ଜିହାଦୀ ସଂଗଠନ ସହ ଲିଙ୍କ୍‌ରେ ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ସୈଫୁଲ ଇସ୍‌ଲାମ ଓରଫ ହରୁନ ରଶିଦ ଓରଫ ମହମ୍ମଦ ସୁମନ୍ ବାଂଲାଦେଶରୁ ବେଆଇନ ଭାବେ ଭାରତରେ ପ୍ରବେଶ କରି ଧକାଲିଆପଡ଼ା ମସ୍‌ଜିଦ୍‌ରେ ଶିକ୍ଷକତା କରୁଥିଲେ। ସେ ଅନ୍ୟମାନଙ୍କୁ ଅନ୍‌ସରୁଲ୍ଲା ବଂଲା ଟିମ୍‌ରେ ସାମିଲ ହେବା ଲାଗି ପ୍ରରୋଚିତ କରିଥିଲେ।

## ଯୁଦ୍ଧରେ ସାମିଲ ହେବେନି ବେଲାରୁଷ ସୈନ୍ୟ

**ମିନ୍‌ସ୍କ,୫।୩**


ଆଲେକ୍‌ଜାଣ୍ଡାର ଲୁକାଶେଙ୍କୋ

ୟୁକ୍ରେନ ଉପରେ ରୁଷିଆର ସାମରିକ ଅଭିଯାନରେ ବେଲାରୁଷ୍ ସୈନ୍ୟ ସାମିଲ ହେବେ ନାହିଁ ବୋଲି ଏହାର ନେତା ଆଲେକ୍‌ଜାଣ୍ଡାର ଲୁକାଶେଙ୍କୋ ଶୁକ୍ରବାର କହିଛନ୍ତି। ମସ୍କୋର ଘନିଷ୍ଠ ସହଯୋଗୀ ଲୁକାଶେଙ୍କୋ କହିଛନ୍ତି, ଏନେଇ ସେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କ ସହ ଟେଲିଫୋନ୍ ଯୋଗେ ଦୀର୍ଘ ସମୟ ଆଲୋଚନା କରିଛନ୍ତି। ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ ଲାଗି ବେଲାରୁଷ୍ ଅଞ୍ଚଳକୁ ବ୍ୟବହାର କରୁଛି।

ଯୁଦ୍ଧରେ ଲିପ୍ତ ଦୁଇ ଦେଶ ସହ ବେଲାରୁଷ୍ ସୀମା ଲାଗିରହିଛି। ରୁଷିଆ ସହିତ ବେଲାରୁଷ୍‌ର ଘନିଷ୍ଠତା ରହିଥିବାବେଳେ ଯୁଦ୍ଧ ସମୟରେ ଏହା ଅନିଶ୍ଚିତ ସ୍ଥିତିର ସମ୍ମୁଖୀନ ହୋଇଛି। ଯୁଦ୍ଧ ଅଟକାଇବା ପାଇଁ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷିଆ ଉପରେ ଅର୍ଥନୈତିକ ପ୍ରତିବନ୍ଧକ ଲଗାଇଥିବାବେଳେ ଏହାର ପ୍ରଭାବ ବେଲାରୁଷ୍ ଉପରେ ପଡ଼ିବାକୁ ଯାଉଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ରୋକିବା ଲାଗି ବେଲାରୁଷ୍ ସୀମାରେ ଉଭୟ ପକ୍ଷ ମଧ୍ୟରେ ଦୁଇଥର ଆଲୋଚନା ହେଲାଣି। ତେବେ ଏଥିରୁ କୌଣସି ସକାରାତ୍ମକ ନିଷ୍କର୍ଷ ବାହାରିପାରି ନାହିଁ। ବେଲାରୁଷ୍ ଯୁଦ୍ଧରେ ସାମିଲ ହେବନାହିଁ ବୋଲି ଲୁକାଶେଙ୍କୋ ଶୁକ୍ରବାର ଘୋଷଣା କରିଛନ୍ତି। ତେବେ ବେଲାରୁଷ୍ ସୈନ୍ୟ ଯୁଦ୍ଧରେ ସାମିଲ ହୋଇସାରିଥିବା ଦିନକ ପୂର୍ବରୁ ୟୁକ୍ରେନ୍ ସୈନ୍ୟବାହିନୀ ପକ୍ଷରୁ ଅଭିଯୋଗ କରାଯାଇଥିଲା। ୟୁକ୍ରେନ୍ ଆକ୍ରମଣରେ ରୁଷିଆକୁ ସମର୍ଥନ କରି ବେଲାରୁଷ୍ ସୈନ୍ୟ ପଠାଇବାକୁ ପ୍ରସ୍ତୁତି ଚଳାଇଛି ବୋଲି ଗତ ସପ୍ତାହରେ ଆମେରିକାର ଜଣେ ଶୀର୍ଷ ଅଧିକାରୀ ଗଣମାଧ୍ୟମକୁ କହିଥିଲେ। ଗତ ମାସ ୨୭ରେ ବେଲାରୁଷ୍‌ରେ ସାମ୍ବିଧାନିକ ଜନମତ ନିଆଯାଇ ଏହାର ଅଣଆଣବିକ ମାନ୍ୟତାକୁ ରଦ୍ଦ କରିବାକୁ ଅନୁମତି ଦିଆଯାଇଥିଲା। ଫଳରେ ରୁଷିଆ ସେଠାରେ ଆଣବିକ ଯୁଦ୍ଧାସ୍ତ୍ର ରଖିବା ଲାଗି ବାଟ ଫିଟିଯାଇଥିଲା।


କ୍ୱିଭ୍ ନିକଟ ଇର୍ପିନ୍ ସହରରେ ରୁଷିଆ ସେଲ୍ ମାଡ଼ରେ ଏକ ବ୍ରିଜ୍ ଭୁଶୁଡ଼ି ପଡ଼ିଥିବାବେଳେ ଜଣେ ସୈନ୍ୟ ଏକ ଶିଶୁକୁ ସେଠାରୁ ନେଇଯାଉଛନ୍ତି।

## ଘାଟିରୁ ଖସିଲା ବସ୍: ଯବାନ ମୃତ

**ସୋନଭଦ୍ରା,୫।୩**

ଉତ୍ତର ପ୍ରଦେଶ ସୋନଭଦ୍ରାରେ ଶୁକ୍ରବାର ରାତିରେ ଯବାନଙ୍କୁ ନେଇ ଯାଉଥିବା ଏକ ବସ୍ ଘାଟିରୁ ତଳକୁ ଖସିପଡ଼ିବାରୁ ଜଣେ ଯବାନଙ୍କ ମୃତ୍ୟୁ ହେବା ସହ ୧୧ଜଣ ଆହତ ହୋଇଛନ୍ତି। ବସ୍‌ରେ ୩୭ ଯବାନ ନିର୍ବାଚନୀ ଡ୍ୟୁଟି ପାଇଁ କୁଶିନଗରରୁ ଓବ୍ରା ଯାଉଥିଲେ। ମୃତ ଯବାନ ଜଣକ କ୍ରିଷ୍ଣାବିର ସିଂ ବୋଲି ଜଣାପଡ଼ିଛି। ଡ୍ରାଇଭର ନିୟନ୍ତ୍ରଣ ହରାଇବା ଯୋଗୁ ବସ୍‌ଟି ଘାଟି ତଳକୁ ଖସି ପଡ଼ିଥିଲା। ସୋନଭଦ୍ରାରେ ୭ ତାରିଖରେ ଭୋଟଗ୍ରହଣ ହେବାକୁ ଥିବାବେଳେ ନିର୍ବାଚନୀ ଡ୍ୟୁଟି ପାଇଁ ବସ୍ ଯବାନଙ୍କୁ ନେଇ ଯାଉଥିଲା।

## ସ୍ପୁଟନିକ ଲାଇଟ୍‌ର ୩ୟ ପରୀକ୍ଷଣକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୫।୩**

ଦେଶରେ କରୋନା ସଂକ୍ରମଣ ହ୍ରାସ ପାଇବାରେ ଲାଗିଥିବାବେଳେ ଟିକାକରଣ ଜାରି ରହିଛି। ଶନିବାର କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଏକ୍ସପର୍ଟ ପ୍ୟାନେଲ୍ ଏହି ବୁଷ୍ଟର ଡୋଜ୍ ସ୍ପୁଟନିକ ଲାଇଟ୍‌ର ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ଟ୍ରାଏଲ୍‌କୁ ଅନୁମତି ପ୍ରଦାନ କରିଛନ୍ତି। ତେବେ ଆପ୍ରୁଭାଲ ପାଇଁ ଏହାକୁ କେନ୍ଦ୍ରୀୟ ଔଷଧ ନିୟାମନ (ଡିସିଜିଆଇ) ନିକଟକୁ ପଠାଯାଇଛି। ସ୍ପୁଟନିକ ଲାଇଟର ଜରୁରିକାଳୀନ ବ୍ୟବହାର ପାଇଁ ଫେବୃୟାରୀ ୪ରେ ଡିସିଜିଆଇ ପକ୍ଷରୁ ଅନୁମତି ମିଳିଥିଲା। ଟ୍ରାଏଲ୍ ପାଇଁ ହାଇଦ୍ରାବାଦ ସ୍ଥିତ ଡ. ରେଡ୍ଡିଜ୍ ଲାବୋରେଟୋରି ଡିସିଜିଆଇ ନିକଟରେ ଆବେଦନ କରିଛି। କରୋନା ଟିକା ସ୍ପୁଟନିକ ଭି' ଓ ବୁଷ୍ଟରଡୋଜ୍ ସ୍ପୁଟନିକ ଲାଇଟର କମ୍ପୋଜିସନ୍ ପାଖାପାଖି ସମାନ ବୋଲି ନିର୍ମାଣକାରୀ କମ୍ପାନୀ ପକ୍ଷରୁ କୁହାଯାଉଛି। ବର୍ତ୍ତମାନ ସୁଦ୍ଧା ଆର୍ଜେଣ୍ଟିନା, ରୁଷକୁ ମିଶାଇ ୨୯ ଦେଶ ଏହି ବୁଷ୍ଟର ଡୋଜ୍‌କୁ ଅନୁମତି ପ୍ରଦାନ କରିଛନ୍ତି।

## ସାମ୍ନାକୁ ଆସିଲା ହକ୍କାନିଙ୍କ ଫଟୋ

**କାବୁଲ,୫।୩**


ସିରାଜୁଦ୍ଦିନ ହକ୍କାନି

ଆଫଗାନିସ୍ତାନରେ କଠୋରପନ୍ଥୀ ତାଲିବାନ ଶାସନକୁ ୬ ମାସରୁ ଅଧିକ ଦିନ ପୂରିଯାଇଛି। ଦେଶରେ ଆର୍ଥିକ ସଙ୍କଟ ଦେଖାଯାଇଥିବାବେଳେ ମହିଳାଙ୍କ ଉପର କଟକଣା ଲବଡ଼ର ରହିଛି। ଏ ଭିତରେ ଆଫଗାନିସ୍ତାନ ସରକାର ପ୍ରଥମ ଥର ପାଇଁ ଦେଶର ଆଭ୍ୟନ୍ତରୀଣ ମନ୍ତ୍ରୀ ସିରାଜୁଦ୍ଦିନ ହକ୍କାନିଙ୍କ ଫଟୋ ସର୍ବସମ୍ମୁଖକୁ ଆଣିଛନ୍ତି। ଶନିବାର ଇସଲାମିକ ଅମିରାତ ଅଫ୍ ଆଫଗାନିସ୍ତାନର (ଆଇଇଏଫ୍) ମୁଖପାତ୍ର ଜାବିଉଲ୍ଲା ମୁଜାହିଦ ଟୁଇଟରରେ ହକ୍କାନିଙ୍କ ଏହି ଫଟୋ ପୋଷ୍ଟ କରିଛନ୍ତି। ଯେଉଁଥିରେ ହକ୍କାନିଙ୍କ ମୁହଁ ସ୍ପଷ୍ଟ ଭାବେ ଦେଖାଯାଉଛି। ଆଫଗାନିସ୍ତାନର ନ୍ୟାଶନାଲ ପୋଲିସ ଗ୍ରାଜୁଏସ୍ ସେରିମନି ଶୁଭାରମ୍ଭ ବେଳର ଏହି ଫଟୋ ବୋଲି କୁହାଯାଉଛି। ଦେଶରେ ତାଲିବାନୀ ଶାସନ ଦ୍ୱାରା ବହୁ ପରିବର୍ତ୍ତନ ଆସିଥିବାବେଳେ ଦେଶ ପ୍ରଗତି ଆଡ଼କୁ ଅଗ୍ରସର ହେଉଥିବା କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସେ କହିଛନ୍ତି। ପୂର୍ବଦିନମାନଙ୍କର ହକ୍କାନିଙ୍କର ଯେଉଁ ଫଟୋ ସବୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ ହୋଇଥିଲା ସେଥିରେ ତାଙ୍କ ମୁହଁ ସ୍ପଷ୍ଟ ଦେଖାଯାଉ ନ ଥିଲା। ବିଶ୍ୱବ୍ୟାପୀ ଆତଙ୍କ ଭିଆଉଥିବା ହକ୍କାନି ନେଟୱର୍କର ମୁଖ୍ୟ ହେଉଛନ୍ତି ସିରାଜୁଦ୍ଦିନ ହକ୍କାନି। ଏହି ନେଟୱର୍କ ଅଲ୍-କାଏଦା ଆତଙ୍କୀ ସଂଗଠନ ସହ ବହୁ ଆତଙ୍କୀ କାର୍ଯ୍ୟକଳାପ ସହ ଜଡ଼ିତ। ବ୍ରିଟେନ ସରକାର ହକ୍କାନିଙ୍କୁ ଗ୍ଲୋବାଲ ଟେରରିଷ୍ଟର ଆଖ୍ୟା ଦେଇଥିବାବେଳେ ଆମେରିକା ସରକାର ୨୦୦୭ରେ ହକ୍କାନିଙ୍କୁ ଧରିବା ପାଇଁ ୧୦ ମିଲିୟନ ଡଲାର ଅର୍ଥାତ୍ ପାଖାପାଖି ୧୦୦ କୋଟି ପୁରସ୍କାର ରାଶି ଘୋଷଣା କରିଥିଲେ। ବହୁଦିନ ପର୍ଯ୍ୟନ୍ତ ହକ୍କାନି ପାକିସ୍ତାନରେ ଲୁଚି ରହିଥିଲେ। ଏଥିସହ ହକ୍କାନିଙ୍କୁ ଆଫଗାନିସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରୀ କରିବା ପଛରେ ପାକିସ୍ତାନର ବଡ଼ ଭୂମିକା ରହିଥିବା କୁହାଯାଉଛି।

## ମଣିପୁରରେ ଭାଜପା କର୍ମୀଙ୍କୁ ହତ୍ୟା

**ଇମ୍ଫାଲ,୫।୩(ପି.ଟି.)**

ମଣିପୁରରେ ଶନିବାର ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହୋଇଯାଇଛି। କାଁଭାଁ ହିଂସାକାଣ୍ଡ ମଧ୍ୟରେ ସେଠାରେ ୭୬.୦୪ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ଏହି ପର୍ଯ୍ୟାୟରେ ୬ ଜିଲାର ୨୨ ଆସନ ଲାଗି ଭୋଟଗ୍ରହଣ ହୋଇଥିବାବେଳେ ପ୍ରତିଦ୍ୱନ୍ଦ୍ୱିତାରେ ୯୨ ପ୍ରାର୍ଥୀ ଥିଲେ। ସେମାନଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ସେନାପତି ଜିଲାରେ ସର୍ବାଧିକ ୮୨.୦୨ ପ୍ରତିଶତ ଭୋଟିଂ ହୋଇଥିବାବେଳେ ଥୋଉବାଲରେ ୭୮%, ଉଖ୍ରୁଲରେ ୭୧.୫୭% ଏବଂ ଚାଣ୍ଡେଲ ଜିଲାରେ ୭୬.୭୧% ମତଦାନ ହୋଇଛି। ତାମେଙ୍ଗଲଙ୍ଗ ଜିଲାର ୩ ନିର୍ବାଚନ ମଣ୍ଡଳୀରେ ୬୬.୪୦% ଏବଂ ଜିରିବାମ୍ ଜିଲାରେ ୭୫.୦୨ ପ୍ରତିଶତ ଭୋଟିଂ ହୋଇଛି।

ଭୋଟ ଗ୍ରହଣର କିଛି ସମୟ ପୂର୍ବରୁ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଥିଲା। କଂଗ୍ରେସ କର୍ମୀଙ୍କ ଗୁଳିମାଡ଼ରେ ଆହତ ଭାଜପା ସମର୍ଥକ ଏଲ୍ ଅମୁବା ସିଂ (୨୫)ଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଭାଜପାରୁ ବହିଷ୍କୃତ ଜଣେ ନେତାଙ୍କ ଘର ବାହାରେ ବୋମାମାଡ଼ ହୋଇଥିବା ପୋଲିସ କହିଛି। ସିଂଙ୍କ ସମେତ କେତେଜଣ ଭାଜପା କର୍ମୀ ଥୋଉବାଲ ଜିଲାର ଜଣେ କଂଗ୍ରେସ କର୍ମୀଙ୍କୁ ଘରକୁ ପ୍ରଚାର ବନ୍ଦ କରିବା ଲାଗି କହିବାକୁ ଯାଇଥିବାବେଳେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଉକ୍ତ କଂଗ୍ରେସ କର୍ମୀ ଜଣକ ସିଂଙ୍କ ଉପରକୁ ଗୁଳି ଚଳାଇଥିଲେ। ଭାଜପା କର୍ମୀମାନଙ୍କ ଟେକା ମାଡ଼ରେ କଂଗ୍ରେସ କର୍ମୀ ଆହତ ହୋଇଛନ୍ତି। ସେହିପରି ଇମ୍ଫାଲ ପଶ୍ଚିମ ଜିଲାର ଲାମ୍ଫେଲ ଅଞ୍ଚଳରେ ପୂର୍ବତନ ଭାଜପା ନେତା ସିଏଚ୍ ବିଜୟଙ୍କ ଘର ବାହାରେ ୨ ଜଣ ଦୁର୍ବୃତ୍ତ ଶୁକ୍ରବାର ରାତିରେ ବୋମାମାଡ଼ କରିଥିଲେ। ଏଥିରେ କେହି ମୃତାହତ ହୋଇନାହାନ୍ତି।


ମଣିପୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଓକ୍ରାମ ଇବୋବି ସିଂ ଭୋଟ ଦେବା ପରେ ଆଙ୍ଗୁଠିର କାଳିଚିହ୍ନ ଦେଖାଉଛନ୍ତି।

### ଦ୍ୱିତୀୟ ପର୍ଯ୍ୟାୟରେ ୭୬% ମତଦାନ

## ବ୍ରିଟେନ୍‌ରେ ସ୍ମାର୍ଟ ଜେଲ

- କଏଦୀଙ୍କୁ ମିଳିବ ବାସିନ୍ଦା ଆଖ୍ୟା
- ଶିକ୍ଷା ସହ ଦିଆଯିବ ନିଯୁକ୍ତି ତାଲିମ
- ସ୍ପୋର୍ଟ୍ସ, ଜିମ୍ ସେଣ୍ଟର ସୁବିଧା ନେବେ ବନ୍ଦୀ

**ଲଣ୍ଡନ, ୫।୩**



ଅପରାଧ କମ୍ କରିବା ସହ ଜେଲରେ କଏଦୀଙ୍କୁ ସମାଜରେ ପ୍ରତିଷ୍ଠିତ କରି ନୂଆ ପରିଚୟ ଦେବା ଲାଗି ବ୍ରିଟେନ ଅଭିନବ ଉପାୟ ଆପଣାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଡିଜାଇନ୍ ସହ ସେଣ୍ଟ୍ରାଲ ଇଂଲଣ୍ଡର ୱେଲିଙ୍ଗବୋରୋରେ ଶୁକ୍ରବାର ଦେଶର ପ୍ରଥମ ସ୍ମାର୍ଟ ଜେଲ ଖୋଲାଯାଇଛି। ହର୍ ମାଜେଷ୍ଟି ପ୍ରିଜନ୍ (ଏଚ୍‌ଏମ୍‌ପି) ଫାଇଭ୍ ୱେଲ୍ସର ବନ୍ଦୀଗୃହକୁ 'ଘର' ଏବଂ ସେଠାରେ ରହୁଥିବା କଏଦୀଙ୍କୁ 'ବାସିନ୍ଦା' କୁହାଯିବାକୁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ବନ୍ଦୀମାନେ ସେଠାରୁ ମୁକୁଳିବା ପରେ ଆଉ ଅପରାଧର ପନ୍ଥା ନ ବାଛି ଯେପରି କୌଣସି କାମ ପାଇଁ ନିଜକୁ ଯୋଗ୍ୟ କରିପାରିବେ ସେ ଦିଗରେ ବିଚାର କରାଯାଇ ଜେଲରେ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି।

ଉକ୍ତ କାରାଗାରରେ ପ୍ରାୟ ୧୭ ଶହ କଏଦୀ ରହିପାରିବେ। ଜେଲ ଭିତରେ ଅନେକ ଅତ୍ୟାଧୁନିକ ସୁବିଧା ଉପଲବ୍ଧ କରାଯାଇଛି। ଏଥିରେ ଜିମ୍, ସ୍ନୁକର ଟେବୁଲ, ଟେବୁଲ ଟେନିସ୍ ଆଦି ଖେଳ ଥିବା ସ୍ପୋର୍ଟ୍ସ ସେଣ୍ଟର ଓ କଏଦୀଙ୍କ ନିମନ୍ତେ କମ୍ପ୍ୟୁଟର ରଖାଯିବାକୁ ବ୍ୟବସ୍ଥା ହୋଇଛି। ସେଠାରେ ବନ୍ଦୀମାନଙ୍କୁ ବିଭିନ୍ନ ବୈଷୟିକ ଏବଂ ଧନ୍ଦାମୂଳକ ଶିକ୍ଷା, ତାଲିମ ପ୍ରଦାନ ସହ ରୋଜଗାରକ୍ଷମ କରିବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଜେଲରୁ ମୁକୁଳିବା ପରେ ଯେପରି କଏଦୀମାନେ ଚାକିରି କିମ୍ବା ନିଜର ବ୍ୟବସାୟ କରିପାରିବେ ସେଥିନିମନ୍ତେ ସେମାନଙ୍କୁ ଉପଯୁକ୍ତ ଟ୍ରେନିଂ ଦିଆଯିବ। ଏଥିପାଇଁ କାରାଗାରରେ ୨୪ଟି କର୍ମଶାଳା ଓ ବହୁ ସଂଖ୍ୟାରେ ଶ୍ରେଣୀଗୃହ କରାଯାଇଛି। ସେଠାରେ ବନ୍ଦୀଙ୍କୁ କୋଡିଂ, ପ୍ଲମ୍ବିଂ, ଇଞ୍ଜିନିୟରିଂ କୋର୍ସ, କାର୍ ମେଣ୍ଟେନାନ୍ସ ଟ୍ରେନିଂ ଆଦି ପ୍ରଦାନ କରାଯିବ। ସ୍ଥାନୀୟ ନିଯୁକ୍ତିଦାତାଙ୍କ ସହଭାଗିତାରେ ବନ୍ଦୀଙ୍କୁ ଚାକିରି ଦେବା ଲାଗି ସରକାର ବ୍ୟବସ୍ଥା କରିଛନ୍ତି। ନିଶା ସେବନ କରୁଥିବା କଏଦୀ ଯେପରି ଡ୍ରଗ୍ସ ଓ ଅନ୍ୟ ମାଦକଦ୍ରବ୍ୟ ଛାଡ଼ି ସୁସ୍ଥ ଜୀବନଯାପନ କରିବେ ସେଥିନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ। ନିଶା ସେବନ କରୁଥିବା ୨୦୦ରୁ ଉର୍ଦ୍ଧ୍ୱ କଏଦୀ ୧୬ ସପ୍ତାହ ବିଶିଷ୍ଟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

୨୦୧୯ ମେ'ରୁ ଏହି ଜେଲର ନିର୍ମାଣ କାମ ଚାଲିଥିଲା। ଜେଲ ଝରକାରେ କୌଣସି ବାର୍ ବା ରଡ୍ ଲଗାଯାଇନାହିଁ। ଗତମାସରୁ ସେଠାରେ କଏଦୀଙ୍କୁ ରଖାଯିବା ଆରମ୍ଭ ହୋଇଛି। ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ଜେଲ ନିର୍ମାଣ କାମରେ ମଧ୍ୟ ଲଗାଯାଇଛି। ଏଚ୍‌ଏମ୍‌ପି ଫାଇଭ୍ ୱେଲ୍ସ ସରକାରଙ୍କ ଏକ ଫ୍ଲାଗଶିପ୍ ପ୍ରୋଗ୍ରାମ ବୋଲି ବ୍ରିଟେନ ଉପପ୍ରଧାନମନ୍ତ୍ରୀ ଏବଂ ଆଇନ ସଚିବ ଡୋମିନିକ୍ ରାବ୍ କହିଛନ୍ତି।

## ସଂକ୍ଷେପରେ

### ୪ର୍ଥ ଦିବସରେ ବି ପ୍ରାର୍ଥିପତ୍ର ଦାଖଲ ହେଲାନାହିଁ

**ଖଣ୍ଡପଡା,୫।୩(ସ୍ୱ.ପ୍ର.):** ପୌର ନିର୍ବାଚନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲର ଶନିବାର ୪ର୍ଥ ଦିବସ ସୁଦ୍ଧା କେହି ଖଣ୍ଡପଡ଼ା ଏନଏସି କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରି ନ ଥିବା ସୂଚନା ମିଳିଛି। ତେବେ ଆଜି ସୁଦ୍ଧା ସର୍ବମୋଟ ୪୬ କାଉନସିଲର ପଦ ଓ ୧୨ଜଣ ଅଧକ୍ଷା ପଦ ପାଇଁ ଏନଏସି କାର୍ଯ୍ୟାଳୟରୁ ଆବେଦନ ଫର୍ମ ନେଇଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ଠାରୁ ପ୍ରକାଶ।

### ଭୂମି ପୂଜନ ଉତ୍ସବ

**ନୟାଗଡ଼ ଅଫିସ,୫।୩:** ନୟାଗଡ଼ ସହର ବଳରାମ ପାହାଡ଼ ପାଦଦେଶରେ ନୟାଗଡ଼ ସଦର ଥାନା ନିକଟବର୍ତ୍ତୀ ଅଞ୍ଚଳରେ ନୟାଗଡ଼ ଡିଏଭି ସ୍କୁଲର ଭୂମି ପୂଜନଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ୩ ଏକର ଜମିରେ ଏଠାରେ ସ୍କୁଲ ଗୃହ ନିର୍ମାଣ ହେବ। ଏହାକୁ ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁ ଶିଳାନ୍ୟାସ କରିଥିଲେ।

### ଦୁର୍ଘଟଣାରେ ଶିଶୁକନ୍ୟା ଗୁରୁତର

ଆର.ଉଦୟଗିରି,୫।୩(ଡି.ଏନ.ଏ.): ଆର.ଉଦୟଗିରି ଥାନା ଜନାପଦା ଗ୍ରାମରେ ଶନିବାର ଏକ ପିକଅପ୍ ଧକ୍କାରେ ଜଣେ ଶିଶୁକନ୍ୟା ଗୁରୁତର ହୋଇଛନ୍ତି। ନିବିତା ମଣ୍ଡଳ (୪)। ଜନାପଦା ଗ୍ରାମର ଉପର ସାହିର ରାଜସ୍ୱ ମଣ୍ଡଳ, ସ୍ତ୍ରୀ ଓ କନ୍ୟା ନିବିତା ବଗଡ଼ରୁ କାମ ସାରି ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ପାରଳାଖେମୁଣ୍ଡି ପଟୁ ଏକ ବୋଲେରୋ ପିକଅପ୍ ଦ୍ରୁତ ଗତିରେ ଆର.ଉଦୟଗିରି ପଟକୁ ଆସୁଥିଲା। ଜନାପଦା ଗ୍ରାମ ନିକଟସ୍ଥ ବୁଲାଣିଠାରେ ବଗଡ଼ରୁ ଆସୁଥିବା ଗାଡ଼ିକୁ ଦେଖି ସାଇଡ ହୋଇ ଛିଡ଼ା ହୋଇଥିଲେ ମଧ ଗାଡ଼ିଟି ବୁଲାଣି ନ କାଟିପାରି ନିବିତାଙ୍କୁ ଧକ୍କା ଦେଇ ପଳାଇଥିଲା। ଘଟଣା ସମ୍ପର୍କରେ ଗ୍ରାମବାସୀ ଆର.ଉଦୟଗିରି ଥାନାକୁ ଖବର ଦେଇଥିଲେ। ନିବିତାଙ୍କୁ ପରିବାର ଲୋକ ଖଜୁରିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ପାରଳାଖେମୁଣ୍ଡି ମେଡିକାଲ ସ୍ଥାନାନ୍ତର କରାଯାଇଛି।

### କାଶୀନଗର ଏନ୍ଏସି: ୮ ନାମାଙ୍କନପତ୍ର ଦାଖଲ

**କାଶୀନଗର,୫।୩:** କାଶୀନଗର ଏନ୍ଏସି ନିମନ୍ତେ ଚତୁର୍ଥ ଦିନରେ କାଉନ୍ସିଲର ନିମନ୍ତେ ବିଭିନ୍ନ ୱାର୍ଡ ସକାଶେ ୮ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ନିର୍ବାଚନ ଅଧିକାରୀ ଗୋପାଳ କୃଷ୍ଣ ଅଧିକାରୀଙ୍କ ନିକଟରେ ଦାଖଲ କରିଛନ୍ତି। ଅଧକ୍ଷା ପଦବୀ ନିମନ୍ତେ ୭ ଫର୍ମ ବିକ୍ରି ହୋଇଥିଲେ ମଧ କୌଣସି ଦଳ ପକ୍ଷରୁ ପ୍ରାର୍ଥିପତ୍ର ଦାଖଲ ହୋଇନାହିଁ। କାଉନ୍ସିଲର ପ୍ରାର୍ଥୀ ଲାଗି ୧୨ଟି ଫର୍ମ ବିକ୍ରି ହୋଇଛି। ପ୍ରକାଶ ଯେ, ୱାର୍ଡ ନମ୍ବର ୧ରେ ୨, ୱାର୍ଡ ନମ୍ବର ୨ରେ ୩, ୱାର୍ଡ ନମ୍ବର ୫ରେ ଜଣେ, ୱାର୍ଡ ନମ୍ବର ୧୦ରେ ଜଣେ, ୱାର୍ଡ ନମ୍ବର ୧୧ରେ ଜଣେ ଦାଖଲ କରିଥିବା ଡ. ସତ୍ୟ ସମ୍ପୂର୍ଣ୍ଣ ରାଉତଙ୍କଠାରୁ ପ୍ରକାଶ।

### ୬୧ ଶିକ୍ଷାନୁଷ୍ଠାନକୁ ପଟ୍ଟା ବଣ୍ଟନ କଲେ ଉପଜିଲାପାଳ

**ବୁଗୁଡ଼ା,୫।୩(ଡି.ଏନ.ଏ.):** ବୁଗୁଡ଼ା ତହସିଲ ଅନ୍ତର୍ଗତ ୬୧ ଶିକ୍ଷାନୁଷ୍ଠାନକୁ ତହସିଲ କାର୍ଯ୍ୟାଳୟରେ ଭଞ୍ଜନଗର ଉପଜିଲାପାଳ ଜମି ପଟ୍ଟା ବିତରଣ କରିଛନ୍ତି। ବରିଷ୍ଠ ରାଜସ୍ୱ ସହାୟକ ଲକ୍ଷ୍ମୀ ନାରାୟଣ ପାଢ଼ୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବିତରଣ କାର୍ଯ୍ୟକ୍ରମରେ ତହସିଲଦାର ସଂଗ୍ରାମ କେଶରୀ ଜେନା, ବିଇଓ ପ୍ରସନ୍ନ କୁମାର ବେହରା, ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତିଙ୍କ ଉପସ୍ଥିତିରେ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ୍ ୩ଟି ମହାବିଦ୍ୟାଳୟ, ୧୯ଟି ଉଚ୍ଚ ବିଦ୍ୟାଳୟ ଏବଂ ୩୯ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପଟ୍ଟା ବଣ୍ଟନ କରିଥିଲେ।

### ଦିଗପହଣ୍ଡି ଏନ୍ଏସି ନିର୍ବାଚନ: ବିଜେଡିରୁ ୨, କଂଗ୍ରେସରୁ ଜଣଙ୍କ ନାମାଙ୍କନ ଦାଖଲ

ଦିଗପହଣ୍ଡି,୫।୩(ଡି.ଏନ.ଏ.): ଦିଗପହଣ୍ଡି ଏନ୍ଏସି ନିର୍ବାଚନ ପ୍ରାର୍ଥୀପତ୍ର ଦାଖଲର ୪ର୍ଥ ଦିନରେ ଶନିବାର ସମୁଦାୟ ୩ ଜଣ ପ୍ରାର୍ଥିନୀ ସେମାନଙ୍କ ପ୍ରାର୍ଥିପତ୍ର ଏନ୍ଏସି କାର୍ଯ୍ୟାଳୟରେ ନିର୍ବାଚନ ଅଧିକାରୀ ତଥା ଦିଗପହଣ୍ଡି ତହସିଲଦାର ସିପକ କୁମାର ପାତ୍ରଙ୍କ ନିକଟରେ ଦାଖଲ କରିଛନ୍ତି। ସେମାନେ ହେଲେ ଅନୁସୂଚିତ ଜନଜାତି ମହିଳାଙ୍କ ନିମନ୍ତେ ସଂରକ୍ଷିତ ୩ ନଂ ୱାର୍ଡ ପାଇଁ (ବିଜେଡି) ପ୍ରାର୍ଥୀନୀ କସ୍ତୁରୀ ନାୟକ, ମହିଳାଙ୍କ ନିମନ୍ତେ ସଂରକ୍ଷିତ ୬ ନଂ ୱାର୍ଡରୁ (ବିଜେଡି) ପ୍ରାର୍ଥୀନୀ ଶିବ ଲକ୍ଷ୍ମୀ ପଟ୍ଟନାୟକ ଏବଂ (କଂଗ୍ରେସ) ପ୍ରାର୍ଥିନୀ କେ. ପୂଜା। ପ୍ରାର୍ଥିନୀମାନେ ଦଳୀୟ ସମର୍ଥକମାନଙ୍କୁ ନେଇ ଶୋଭାଯାତ୍ରାରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ।

# ବିଜୁ ଜୟନ୍ତୀରେ କାଉନ୍ସିଲର ପ୍ରାର୍ଥୀ ଘୋଷଣା

**ଫୁଲବାଣୀ ଅଫିସ, ୫।୩**

## ପୁନମ ଫୁଲବାଣୀ ପୌରାଧକ୍ଷା ପ୍ରାର୍ଥୀ


ମନ୍ତ୍ରୀ ପ୍ରତାପ ଜେନା ପ୍ରାର୍ଥୀଙ୍କ ନାମ ଘୋଷଣା କରୁଛନ୍ତି।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ବିଜେଡି ଫୁଲବାଣୀ ପୌର ପରିଷଦ ନିର୍ବାଚନ ଲାଗି ସମସ୍ତ କାଉନସିଲର ଏବଂ ପୌରାଧକ୍ଷା ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ବିଜେଡି ମଧ୍ୟରେ ସମାନ୍ତରାଳ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଶେଷକରି ପୌରାଧକ୍ଷା ପଦବୀ ପାଇଁ ଆଶାୟୀ ଥିବା ପ୍ରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଅନ୍ୟପଟେ କଂଗ୍ରେସ ଏବଂ ଭାଜପା ସେମାନଙ୍କ ପ୍ରାର୍ଥୀ ଏବଂ ପୌରାଧକ୍ଷା ପଦବୀ ଲାଗି ଅଙ୍କ କଷା ଚାଲିଛି।

ଫୁଲବାଣୀ ପୌର ପରିଷଦ ଲାଗି ହୋଇଥିବା ବିଜେଡି ପ୍ରାର୍ଥୀମାନେ ହେଲେ ୧ନଂ ୱାର୍ଡରୁ ପ୍ରତାପ ସାମନ୍ତରାୟ, ୨ନଂ.ରୁ ସ୍ନେହଲତା ପ୍ରଧାନ, ୩ରେ ନର୍ମଦା କହଁର, ୪ରେ ତ୍ରିଲୋଚନ କହଁର, ୫ରେ ଦିଲୀପ ବାଘ, ୬ରେ ଲଳିତା ମୁନୀ, ୭ରେ ଟୁନୀ ସେଠୀ, ୮ରେ ରାଜେନ୍ଦ୍ର କୁମାର ପାଢ଼ୀ, ୯ରେ ପାୟଲ ବେହେରା, ୧୦ରେ ଜୟ ବେହେରା, ୧୧ରେ ଦାରୁଣ ବେହେରା, ୧୨ରେ ହେମାନୀ ବେହେରା ଓ ୧୩ରେ ମାଧବୀ ମିଶ୍ର। ଜିଲା ମହିଳା ସଭାନେତ୍ରୀ ପୁନମ କହଁରଙ୍କୁ ପୌରାଧକ୍ଷା ପ୍ରାର୍ଥୀ ଘୋଷଣା କରାଯାଇଛି।

ବିଜେଡି ପକ୍ଷରୁ ବିଜୁ ଜୟନ୍ତୀରେ ସ୍ମୃତିସଭା ପାଳନ ଲାଗି ସ୍ଥାନୀୟ ଏକ ମଣ୍ଡପରେ ସମ୍ମିଳନୀ ହୋଇଥିଲା। ଏଥିରେ ଜିଲା ପର୍ଯ୍ୟବେକ୍ଷକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରବାଦ ପୁରୁଷଙ୍କ ସ୍ମୃତିଚାରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲା ବିଜେଡି ସହ ପର୍ଯ୍ୟବେକ୍ଷକ କିଶୋର ମେହେର, ଏମ୍ପିଙ୍କ ପ୍ରତିନିଧି ଦେବେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ବକ୍ତବ୍ୟ ରଖିଥିଲେ। ବିଜେଡି ଜିଲା ସଭାପତି ସରୋଜ କର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନ୍ତ୍ରୀ ତଥା ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନା ଶେଷରେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ। ଏହି ଅବସରରେ କିଛି ଜଣ ଅନ୍ୟ ଦଳ ଛାଡି ବିଜେଡିରେ ସାମିଲ ହୋଇଥିଲେ।

ଅନ୍ୟପକ୍ଷରେ ଶନିବାର ଏହି ପଦବୀ ଲାଗି ୨ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ଦାଖଲ କରଛନ୍ତି। ସେମାନେ ହେଲେ ବହୁଜନ ସମାଜ ପାର୍ଟିର ଜସନା ମୁଖୀ ଓ ଆମ ଆଦମୀ ପାର୍ଟିର ରଶ୍ମିତା ପଟ୍ଟନାୟକ। ଉଭୟେ ସେମାନଙ୍କ ସମର୍ଥକ ମାନଙ୍କ ସହ ଉପ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଶୁକ୍ରବାର କାଉନସିଲର ପାଇଁ ଜଣେ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସୂଚନା ଅନୁସାରେ ପୌର ପରିଷଦ ନିର୍ବାଚନ ପାଇଁ ଶନିବାର ପର୍ଯ୍ୟନ୍ତ ମୋଟ ୩୦ଟି ନାମାଙ୍କନ ପତ୍ର ବିକ୍ରି ହୋଇଛି।

### ଅଧକ୍ଷା ପଦ ପାଇଁ ଆଶାୟୀଙ୍କ ସଂଖ୍ୟା ବଢ଼ୁଛି

**ଖଣ୍ଡପଡ଼ା,୫।୩(ସ୍ୱ.ପ୍ର.)**

ପୌର ନିର୍ବାଚନ ପରିପ୍ରେକ୍ଷୀରେ ଖଣ୍ଡପଡ଼ା ସହରାଞ୍ଚଳରେ ରାଜନୈତିକ ବାତାବରଣ ଦିନକୁ ଦିନ ଉଷ୍ମ ହେବାରେ ଲାଗିଛି। ଚଳିତ ନିର୍ବାଚନରେ ଏନ୍ଏସି ଅଧକ୍ଷା ଆସନ ପାଇଁ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେଉଥିବାରୁ ବିଭିନ୍ନ ୱାର୍ଡରୁ ଅନେକ ଦକ୍ଷ ଓ ଶିକ୍ଷାଗତ ଯୋଗ୍ୟତା ଥିବା ମହିଳା ଏହି ପଦବୀ ନିମନ୍ତେ ଆଶାୟୀ ଅଛନ୍ତି। ଖଣ୍ଡପଡ଼ା ଏନ୍ଏସି ଅଧକ୍ଷା ଆସନଟି ସାଧାରଣ ବର୍ଗ ମହିଳାଙ୍କ ଲାଗି ସଂରକ୍ଷିତ ରହିଛି। ନାରୀନେତ୍ରୀ ବିନୋଦିନୀ ମହାନ୍ତି, ପୂର୍ବତନ ଏନଏସି ଅଧକ୍ଷା ତୃପ୍ତିରାଣୀ ମିଶ୍ର, ଉର୍ମିଳା ବାରିକ, ନବାଗତ ରଶ୍ମିତା ମହାନ୍ତିଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ ମହିଳା ଏହି ପଦ ପାଇଁ ଆଶାୟୀ ଥିବା ସୂଚନା ମିଳିଛି। ବିଜେଡି ଓ ଭାଜପା ପକ୍ଷରୁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଚାଲୁ ରହିଛି। ଦଳୀୟ ପ୍ରାର୍ଥୀ ନାମ ଘୋଷଣା ପରେ ଅଧକ୍ଷା ପଦବୀ ନିମନ୍ତେ ଅନ୍ୟତମ ଆଶାୟୀ ପ୍ରାର୍ଥୀମାନେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇପାରନ୍ତି ବୋଲି ଆଲୋଚନା ହେଉଛି।

# ଗୋପାଳିପଡ଼ାରେ କିଡ୍ନୀ ରୋଗୀଙ୍କ ସଂଖ୍ୟା ବଢ଼ୁଛି

**ଖଣ୍ଡପଡ଼ା,୫।୩(ସ୍ୱ.ପ୍ର.)**

## ୧୦ରୁ ଊର୍ଦ୍ଧ୍ୱ ମୃତ, ଶତାଧିକ ଅସୁସ୍ଥ

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ରାଣୀପଡ଼ା ପଞ୍ଚାୟତ ଗୋପାଳିପଡ଼ା ଗ୍ରାମର ଶତାଧିକ ବ୍ୟକ୍ତି କିଡ୍ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଇତିମଧ୍ୟରେ ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। କିଡ୍ନୀ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ପ୍ରତିବର୍ଷ ଏପରି ରୋଗୀଙ୍କ ଅକାଳରେ ମୃତ୍ୟୁ ଘଟୁଥିବା ପରିବାର ଲୋକେ କହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ ରୋଗର ପ୍ରତିକାର ଓ ନିରାକାରଣ ପାଇଁ କୌଣସି ଧ୍ୟାନ ଦିଆଯାଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସଂରକ୍ଷିତ ଜଙ୍ଗଲ ଓ ପାହାଡ଼ର ପାଦଦେଶରେ ଅବସ୍ଥିତ ଏହି ଗ୍ରାମର ଲୋକମାନେ ବର୍ଷ ତମାମ ପାନୀୟ ଜଳ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ଗ୍ରାମରେ ଥିବା ନଳକୂପର ଫ୍ଲୋରାଇଡ଼ ଯୁକ୍ତ ପାଣି ବ୍ୟବହାର କରୁଛନ୍ତି। କ୍ରମାଗତ ଭାବେ ଫ୍ଲୋରାଇଡ଼ ଯୁକ୍ତ ଜଳକୁ ବ୍ୟବହାର କରିବା ଦ୍ୱାରା ଗ୍ରାମବାସୀ କିଡ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମର ସଚେତନ ନାଗରିକମାନେ ମତ ଦେଇଛନ୍ତି। ଗତ୨ବର୍ଷ ମଧ୍ୟରେ କିଡ୍ନ ରୋଗାକ୍ରାନ୍ତ ଯୁବକ ସିଟୁ ନାୟକ(୩୬), ଜୟକୃଷ୍ଣ ବେହେରା(୪୧), ଅଭିମନ୍ୟୁ ବେହେରା(୪୦), ସୋମନାଥ ଗୋଛି(୪୫), ଆର୍ତ୍ତବନ୍ଧୁ ବେହେରା (୪୮),ନିତ୍ୟାନନ୍ଦ ବେହେରା(୪୭), ପୀତବାସ ବେହେରା (୩୨) ,ବିରଞ୍ଚି ବେହେରା(୪୮)ଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଅକାଳ ମୃତ୍ୟୁ ଘଟିଛି। ଏବେବି ବହୁ ବ୍ୟକ୍ତି କିଡ୍ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା ଖବର ମିଳିଛି। ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲାପାଳ ତୁରନ୍ତ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିବା ସହ ରୋଗୀଙ୍କ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବାକୁ ଗୋପାଳୀପଡ଼ା ଗ୍ରାମବାସୀ ଦାବି କରିଛନ୍ତି।

# ବିଜୁବାବୁଙ୍କ ଫଟୋ ରଖି ରାସ୍ତାକାମ ଆରମ୍ଭ

## ନିଆରା ଢଙ୍ଗରେ ପଞ୍ଚାୟତିରାଜ ଦିବସ


ବେଲଗୁଣ୍ଠା ବିଡିଓ ଶଶିଭୂଷଣ ମହାପାତ୍ର ବିଜୁବାବୁଙ୍କ ଫଟୋ ପୂଜା କରୁଛନ୍ତି।

**ଭଞ୍ଜନଗର,୫।୩(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ବଡ଼ବୋରସିଙ୍ଗି ପଞ୍ଚାୟତ ବାଙ୍କେନେଡ଼ିଠାରେ ଶନିବାର ନିଆରା ଢଙ୍ଗରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି। ଉକ୍ତ ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପୋଖରୀ ବନ୍ଧ ରାସ୍ତା ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ପଞ୍ଚାୟତିରାଜ ଦିବସରେ ଏହାର କାର୍ଯ୍ୟ ଆରମ୍ଭ କରାଯାଇଛି।

ବାଙ୍କେନେଡ଼ିଠାରେ ଶ୍ରମିକମାନେ ଉକ୍ତ କାମ ଆରମ୍ଭ କରିବା ପୂର୍ବରୁ ଏକ ଗଛମୂଳେ ବିଜୁବାବୁଙ୍କ ଫଟୋ ରଖି ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସ ପାଳନ କରିଥିଲେ। ବେଲଗୁଣ୍ଠା ବିଡିଓ ଶଶିଭୂଷଣ ମହାପାତ୍ର କାମ ତଦାରଖ କରିବାକୁ ଯାଇଥିବା ବେଳେ ବିଜୁ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପରେ ଶ୍ରମିକମାନେ ରାସ୍ତା କାମ ଆରମ୍ଭ କରିଛନ୍ତି। ସେହିପରି ଭଞ୍ଜନଗର ଓ ବେଲଗୁଣ୍ଠା ବ୍ଲକ ଏବଂ ଏନ୍ଏସିର ବିଭିନ୍ନ ସ୍ଥାନରେ ପ୍ରବାଦ ପୁରୁଷଙ୍କ ଜୟନ୍ତୀ ପାଳନ କରାଯାଇଛି।

### ପ୍ରମାଣ ଅଭାବରୁ ୩ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ, ୫।୩**

ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର ପୋକ୍ସୋ ଜଜ୍ ଗୁରୁପ୍ରସାଦ ସାହୁ ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ମୁଖ୍ୟ ଅଭିଯୁକ୍ତ ସହ ଅନ୍ୟ ଦୁଇ ସହଯୋଗୀଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଭଞ୍ଜନଗର ଥାନା ଅନ୍ତର୍ଗତ ଆଖୁପଦର ଗ୍ରାମର ଲାଲୁ ଓ ବାଳକୃଷ୍ଣ ସେଠୀ ଓ ବଳାତ୍କାର ଘଟଣାରେ ସହଯୋଗ କରିଥିବା ତାଙ୍କ ଭାଇଁ ବାବୁଲା ସେଠୀ ଓ ତାଙ୍କ ଭଉଣୀ ପାଣ୍ଡି। ୨୦୧୩ ମେ' ୧୨ରେ ଜଣେ ନାବାଳିକାଙ୍କୁ ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ଜଣେ ଯୁବକ ତାଙ୍କୁ ବଳାତ୍କାର କରିଥିଲେ। ପରେ ତାଙ୍କୁ ପ୍ରତାରଣା ମଧ କରିଥିଲେ। ଏଥିରେ ତାଙ୍କ ଭଉଣୀ ଓ ଭାଇଁ ସହଯୋଗ କରିଥିଲେ ବୋଲି ପୀଡ଼ିତା ଅଭିଯୋଗ କରିଥିଲେ। ପୋଲିସ ନଂ.୧୦୫/୧୩ରେ ଏକ ମାମଲା ରୁଜୁକରି ତଦନ୍ତ କରିଥିଲା। ପରେ ପୋଲିସ ବାଳକୃଷ୍ଣ, ଭାଇଁ ବାବୁଲା ଓ ଭଉଣୀ ପାଣ୍ଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସମସ୍ତ ଅଭିଯୁକ୍ତ ଜାମିନ ପାଇଥିଲେ। ଏହି ମାମଲାର ଶୁଣାଣି ବେଳେ ୧୧ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ମିଳି ନ ଥିବାରୁ ଜଜ୍ ଉପରୋକ୍ତ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ପ୍ରଦୀପ କୁମାର ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ନାଟକ କହିଲା ସ୍ୱାର୍ଥପର ମଣିଷର କାହାଣୀ


'ଔରଙ୍ଗଜେବ୍' ନାଟକର ଏକ ଦୃଶ୍ୟ।

**ନୟାଗଡ଼ ଅଫିସ,୫।୩**

## ନାଟକ ମହୋତ୍ସବର ୫ମ ସନ୍ଧ୍ୟା

ତୃତୀୟ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ଶନିବାର ସାମାଜିକ ନାଟକ 'ଔରଙ୍ଗଜେବ୍' ମଞ୍ଚସ୍ଥ ହୋଇଛି। ନାଟ୍ୟଧାରା ନାଟ୍ୟସଂସ୍ଥା ଏବଂ ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପଠାଣି ସାମନ୍ତ ଅଡ଼ିଟୋରିୟମଠାରେ ମଞ୍ଚସ୍ଥ ହୋଇଥିବା ଏହି ନାଟକକୁ ବିଶିଷ୍ଟ ନାଟ୍ୟକାର ପ୍ରଦୀପ ଭୌମିକ୍ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ଓଡ଼ିଶାର ଅନ୍ୟତମ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଜିତେନ୍ଦ୍ର ପଟ୍ଟନାୟକ। ସୂତ୍ରଧର ନାଟ୍ୟ ଅନୁଷ୍ଠାନ ଖୋର୍ଦ୍ଧା ପକ୍ଷରୁ ମଞ୍ଚସ୍ଥ ଏହି ନାଟକର ଉଦ୍ଘାଟନୀ ଉତ୍ସବରେ ଅତିଥିଭାବେ ନାଟ୍ୟ ବ୍ୟକ୍ତିତ୍ୱ ଜିତେନ୍ଦ୍ର ପଟ୍ଟନାୟକ ଯୋଗଦାନ କରିଥିଲେ। ଇତିହାସରେ ଔରଙ୍ଗଜେବ ନିଜ ସ୍ୱାର୍ଥ ଏବଂ କ୍ଷମତା ଲୋଭ ପାଇଁ ନିଜ ବାପା ଭାଇଙ୍କୁ ହତ୍ୟା କରିଥିଲେ। ବର୍ତ୍ତମାନ ଯୁଗରେ ଲୋଭ,ଅର୍ଥ ତଥା ସ୍ୱାର୍ଥ ପାଇଁ ନିଜ ରକ୍ତ ସମ୍ପର୍କକୁ ଜଳାଞ୍ଜଳି ଦେଇ ମନୁଷ୍ୟ ହତ୍ୟା ଓ ବିଭିନ୍ନ ଘଟଣା ଘଟାଇବାକୁ ପଛଘୁଞ୍ଚା ଦେଉନି। ଷଷ୍ଠ ଦିବସରେ ମିରର ଥିଏଟର ବେଲପାହାଡ଼ ପକ୍ଷରୁ ନାଟକ 'ଦୂର ଆକାଶ' ମଞ୍ଚସ୍ଥ ହେବ ବୋଲି ନାଟ୍ୟଧାରା ପକ୍ଷରୁ ସୂଚନା ଦିଆଯାଇଛି।

### ଗଞ୍ଜେଇ ଜବତ, ଜଣେ ଗିରଫ

**ବୁଗୁଡ଼ା, ୫।୩(ଡି.ଏନ.ଏ.)**

ବୁଗୁଡ଼ା ଥାନା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଶୁକ୍ରବାର ଏକ ଇନୋଭା ଗାଡ଼ି ସହ ଚୋରା ଗଞ୍ଜେଇ ଜବତ କରିଛି। ଏ ନେଇ ନଂ. ୧୨୩/୨୨ରେ ଏକ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତ ବାଲିଗୁଡ଼ା ଥାନା ଅନ୍ତର୍ଗତ ବାବେକେତା ଗ୍ରାମର ଆଦିତ୍ୟ ନାୟକଙ୍କୁ ପୋଲିସ ଶନିବାର କୋର୍ଟ ଚାଲାଣ କରିଛି। ବୁଗୁଡ଼ା ଥାନା ଅନ୍ତର୍ଗତ ବିରଞ୍ଚିପୁର ଛକରେ ଏସ୍ଆଇ କ୍ଷେତ୍ରମୋହନ ସାହୁଙ୍କ ନେତୃତ୍ୱରେ ଯାନବାହନ ଯାଞ୍ଚ ଚାଲିଥିଲା ବେଳେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଇନୋଭା ଗାଡ଼ି(ନଂ .ଓଡି ୦୨ ବିବି ୨୬୦୭)କୁ ଅଟକାଯାଇ ଯାଞ୍ଚ କରିବାରେ ସେଥିରୁ ୪ କିଲୋ ୫୦୦ ଗ୍ରାମ୍ ଗଞ୍ଜେଇ ବାହାରିଥିଲା।

### ହିଞ୍ଜିଳିକାଟୁ ପୌର ପରିଷଦ
## ସୁବାସଙ୍କୁ ବିଜେଡି ଅଧକ୍ଷ ଟିକେଟ

**ହିଞ୍ଜିଳିକାଟୁ,୫।୩(ଡି.ଏନ.ଏ.)**

ବିଜେଡି ପକ୍ଷରୁ ହିଞ୍ଜିଳିକାଟୁ ପୌର ପରିଷଦ ଅଧକ୍ଷ ପ୍ରାର୍ଥୀ ରୂପେ ସୁବାସ ପଲେଇଙ୍କୁ ଚୟନ କରାଯାଇଛି। ଶନିବାର ବୃନ୍ଦାବନ ବିଦ୍ୟାପିଠ ନିକଟରେ ବିଜେଡି ନିର୍ବାଚନୀ କାର୍ଯ୍ୟାଳୟ ଉଦ୍ଘାଟନ ବେଳେ ଏହା ଘୋଷଣା ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଆରଡ଼ିଏ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର କାର୍ଯ୍ୟାଳୟକୁ ଉଦ୍ଘାଟନ କରିଥିଲେ। ପୂର୍ବତନ ଉପାଧକ୍ଷ ସୁବାସ ଚନ୍ଦ୍ର ପୋଲାଇଙ୍କୁ ହିଞ୍ଜିଳିକାଟୁ ପୌର ପରିଷଦ ଅଧକ୍ଷ ପ୍ରାର୍ଥୀ ଭାବେ ବିଜେଡ଼ି ହାଇକମାଣ୍ଡ ଚୟନ କରିଥିବା ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ମହାପାତ୍ର ଘୋଷଣା କରିଥିଲେ। ଏକ ବନ୍ଦ ଲଫାପାରୁ ଅଧକ୍ଷ ଓ ୨୧ ୱାର୍ଡର ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରାଯାଇଥିଲା। ୧ନଂ ସରୋଜ କୁମାର ପଣ୍ଡା, ୨ନଂ. ବିପ୍ର ନାୟକ, ୩ନଂ. ନଳିନୀ ପଣ୍ଡା, ୪ ନଂ. ଅନିତା ଚୌଧୁରୀ, ୫ ବିଭୁପ୍ରସାଦ ପଣ୍ଡା, ୬ ସୁଚିତ୍ରା ପଣ୍ଡା, ୭ ଶଶି ଶର, ୯ ରିନା ଗଉଡ, ୧୦ ସୁପ୍ରଭା ମହାରଣା, ୧୧ ରଜନି ମହାରଣା, ୧୨ ରୁକ୍ମିଣୀ ବିଷୋୟୀ, ୧୩ ସୁବାସ ସାହୁ, ୧୪ ତପସ୍ୱିନୀ ବେହେରା, ୧୫ ସଂସ୍କାର ପଟ୍ଟନାୟକ, ୧୬ ମଧୁସ୍ମିତା ବେହେରା, ୧୭ ଶ୍ୟାମଘନ ବେହେରା, ୧୮ ସନ୍ତୋଷିନି ବେହେରା, ୧୯ ବସନ୍ତ ବେହେରା, ୨୦ରେ ବବିତା ନାହାକ ଓ ୨୧ ନମ୍ବର ୱାର୍ଡ ସକାଶେ ସୁଜତା ସ୍ୱାଇଁଙ୍କୁ ପ୍ରାର୍ଥୀ ମନୋନୀତ କରାଯାଇଛି। ୮ ନମ୍ବର ୱାର୍ଡ ସକାଶେ ଦଳୀୟ ପ୍ରାର୍ଥୀଙ୍କ ନାମ ତ୍ରୁଟି ରହିଥିବାରୁ ସଂଶୋଧନ କରିବାକୁ ପଠାଯାଇଛି।

# ବିଦ୍ୟାଳୟ ଜମି ପଟ୍ଟା ବଣ୍ଟନ

**ଆସିକା,୫।୩(ଡି.ଏନ.ଏ.)**

ଆସିକା ତହସିଲ କାର୍ଯ୍ୟାଳୟ ଠାରେ ଶନିବାର ତହସିଲ ଅନ୍ତର୍ଗତ ୫ଟି ହାଇସ୍କୁଲ ଓ ୧୩ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜମିପଟ୍ଟା ବଣ୍ଟନ କରାଯାଇଛି। ପ୍ରଶିକ୍ଷଣରେ ତହସିଲଦାର ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ମିସ ମଧୁମିତା ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଏହି ପଟ୍ଟା ବଣ୍ଟନ କରିଥିଲେ। ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ, ବରିଷ୍ଠ ସହାୟକ ଅଶୋକ କୁମାର ପଣ୍ଡା, ରାଜସ୍ୱ ନିରୀକ୍ଷକ ବିଶ୍ୱନାଥ ଲେଙ୍କା ଓ ତ୍ରିଲୋଚନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁପଦର, କେ.ରାଇସିଂପୁର, ଗହଙ୍ଗୁ, ନଳବଣ୍ଟା ଓ ବାଙ୍ଗରଡା ହାଇସ୍କୁଲକୁ ପଟ୍ଟା ମିଳିଥିବା ବେଳେ ନୂଆଗାଁ, କେ.ଲଛମପଲ୍ଲୀ, ଦାନ ଚନ୍ଦନପେଢୀ, ସାହାସପୁର, କେନ୍ଦୁପଦର, ମଙ୍ଗଳପୁର, ସାନଖୋଲି, କରାତଳି, ବଡଖୋଲି, ବାବନପୁର, ନାହାଡା, ବାଙ୍ଗରଡା ଆଦି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଟ୍ଟା ପାଇଛନ୍ତି। ଦୀର୍ଘଦିନ ଧରି ଏହି ବିଦ୍ୟାଳୟ ସବୁ ସରକାରୀ ଜାଗାରେ ରହିଥିଲେ ମଧ ଜମିର ମାଲିକାନା ସତ୍ୱ ବିଦ୍ୟାଳୟ ହାତରେ ନ ଥିଲା।


ପ୍ରଶାସନିକ ଅଧିକାରୀ ପଟ୍ଟା ବଣ୍ଟନ କରୁଛନ୍ତି।

### ଛତ୍ରପୁର ଏନ୍ଏସି ଅଧକ୍ଷା, କାଉନସିଲର ପ୍ରାର୍ଥୀ ଘୋଷଣା କଲା ବିଜେଡି

**ଛତ୍ରପୁର,୫।୩(ଡି.ଏନ୍.ଏ.)**

ଛତ୍ରପୁର ଏନ୍ଏସିରେ ପୌର ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଶନିବାର ବିଜେଡି ପକ୍ଷରୁ ଏନଏସି ଅଧକ୍ଷା ଓ ୧୪ କାଉନସିଲର ପ୍ରାର୍ଥୀଙ୍କ ତାଲିକା ଘୋଷଣା କରାଯାଇଛି। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏନ୍ଏସି ଅଧକ୍ଷା ପଦବୀ ପାଇଁ ଟି. ଲକ୍ଷ୍ମୀ ପ୍ରାର୍ଥୀ କରାଯାଇଥିବା ବେଳେ ୱାର୍ଡ ନଂ.୧ରୁ ପି.ଜଗଦୀଶ କୁମାର, ୨ନଂ.ରୁ ଅଫତାବ ହୁସେନ, ୩ନଂ.ରୁ ମାମା ସେଠୀ, ୪ନଂରୁ ଜି.ପାପାରାଓ, ୫ ନଂ. ୱାର୍ଡରୁ ଡି.ଇନ୍ଦୁଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ଏନ୍ଏସିର ୬ନଂ. ୱାର୍ଡ ପାଇଁ ମମତା ପାତ୍ର, ୭ ନଂ. ପାଇଁ ଏମ୍. ୱାଣୀ ସେନାପତି, ୮ ନଂ. ପାଇଁ କେ.ରମେଶ ରାଓ, ୯ ନଂ. ପାଇଁ ପ୍ରିତିଛନ୍ଦା ସାମଲ, ୧୦ ନଂ. ପାଇଁ ଏସ୍.ଜଗଦୀଶ ରାଓ, ୧୧ ନଂ. ପାଇଁ ସନ୍ତୋଷୀ ସେଠୀ, ୧୨ନଂ. ପାଇଁ ବି.ନିଶ୍ଚଳା, ୧୩ ନଂ. ପାଇଁ ସୁମନ୍ତ କୁମାର ନାହାକ ଓ ୧୪ ନଂ. ୱାର୍ଡ ପାଇଁ ପି.ତେଜବତୀ ରାଓ ପ୍ରାର୍ଥୀ ହୋଇଛନ୍ତି।

# ମଣିନାଗ ମୁଣ୍ଡିଆରୁ ମିଳିଲା ଯୁବକଙ୍କ ମୃତଦେହ

**ନୟାଗଡ଼ ଅଫିସ/ରଣପୁର,୫।୩(ସ୍ୱ.ପ୍ର.)**

## ହତ୍ୟା ସନ୍ଦେହ, ୩ ଦିନ ଧରି ନିଖୋଜ ଥିଲେ

ନୟାଗଡ଼ ଜିଲା ରଣପୁର ଥାନାର ଉପର ମଣିନାଗ ମୁଣ୍ଡିଆରୁ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଶନିବାର ଉଦ୍ଧାର ହୋଇଛି। ମୃତକଙ୍କ ପରିଚୟ ମିଳିଛି। ମୃତକ ହେଲେ ଅଶୋକ ମଙ୍ଗରାଜ(୩୨)। ଘର ଚାନ୍ଦପୁର ଥାନା ବାରଙ୍ଗଗାଡ଼ିଆ ଗାଁରେ। ଅଶୋକ ୩ ଦିନ ତଳେ ନିଖୋଜ ଥିଲେ। ମୋବାଇଲ ଟ୍ରକିଂ ପରେ ତାଙ୍କର ମୃତଦେହ ମିଳିଥିଲା। ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ହୋଇଛି। ଏ ନେଇ ରଣପୁର ଥାନା ପୋଲିସ ଏକ ମାମଲା(ନଂ.୬/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପୋଲିସ କହିଛି। ଅଶୋକ ନିଜ ବାଇକ୍(ନଂ.ଓଡି୦୨ଏଫ୨୬୯୪)ରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ପରିବା ପାଇଁ ବଜାର ଯାଇଥିଲେ। ହେଲେ ପରିବା ଧରି ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କ ଟେର ମିଳି ନ ଥିଲା। ଶେଷରେ ଚାନ୍ଦପୁର ଥାନାରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଥିଲା। ପୋଲିସ ଅଭିଯୋଗ ନ ରଖି ଖୋଜାଖୋଜି କରିବାକୁ ପରାମର୍ଶ ଦେଇଥିଲା। ଅନ୍ୟପକ୍ଷେ ଅଶୋକଙ୍କ ମୋବାଇଲ ରିଙ୍ଗ ହେଉଥିଲେ ମଧ ସେ ଉଠାଉ ନ ଥିଲେ। ଏଭଳିସ୍ଥଳେ ମୋବାଇଲ ଟ୍ରାକିଂ କରି ଅଶୋକଙ୍କୁ ଠାବ କରାଯାଇଥିଲା। ଅଶୋକଙ୍କ ମୋଇଲ ଉପର ମଣିନାଗରେ ଥିବା ଜଣାପଡ଼ିଥିଲା। ଗାଁ ଲୋକେ ଶନିବାର ଉପର ମଣିନାଗ ମୁଣ୍ଡିଆ ଖୋଜାଖୋଜି କରିଥିଲେ। ପରେ ପଥର ନିକଟରୁ ତାଙ୍କ କ୍ଷତବିକ୍ଷତ ମୃତଦେହ ମିଳିଥିଲା। ମୃତଦେହଠାରୁ ୨୦୦ ମିଟର ଦୂରେ ବାଇକ ରହିଥିଲା। ଅଶୋକଙ୍କୁ ହତ୍ୟା କରାଯାଇଛି ନାଁ ସେ ଆତ୍ମହତ୍ୟା କରିଛନ୍ତି ସନ୍ଦେହ ଘେରରେ ରହିଛି। ଏଣୁ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପୋଲିସ ଆବଶ୍ୟକ ପଦକ୍ଷେପ ନେବ ବୋଲି କହିଛି।